Bastabatara Pariprakash
PRACHEE ■ Vol. 1 ■ Issue - 3 ■ June 2015 ■ Title Code : ODIODI07446

ଜୁନ୍ ୨୦୧୫
Rs. 25/-

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

## ରଜ ବିଶେଷାଙ୍କ





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, June, 2015, Issue No.3

Title Code : ODIODI07446

## ପ୍ରାଚୀ ପରିବାର :

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୂଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**

ପରିଚାଳନା ସମ୍ପାଦିକା
**ପ୍ରଜ୍ଞା ପରମିତା**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ମନୋଜ କୁମାର ଦାସ**

ପ୍ରଚ୍ଛଦ :
**ବିଭୁ ପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**

ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

Declaration
Edited & Published by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.com

# ଏଇ ସଂଖ୍ୟାରେ...

- ଅବାଞ୍ଛିତ ମାତୃତ୍ୱରେ ଅକାଳ ମୃତ୍ୟୁ
  - ଡକ୍ଟର ଦିପକ କୁମାର ଦାଶ ୫
- ମୋ ନାଁ କ'ଣ ?
  - ଗୀତାଞ୍ଜଳି ନାୟକ ୭
- ପ୍ରତାରଣାର ଅନ୍ୟନାମ ବିଶ୍ୱାସଘାତକ
  - ସୌଦାମିନୀ ଦାସ ୯
- ବେସୁରା ରାଗିଣୀ
  - ଡଃ. ନିରୋଦ କୁମାର ମନ୍ତ୍ରୀ ୧୩
- ନିର୍ଦ୍ଦୟ
  - ଡଃ. ନିରୋଦ କୁମାର ମନ୍ତ୍ରୀ ୧୫
- ନିଆରା ମଣିଷର ଅନ୍ତଃସ୍ୱର
  - ସଂଯୁକ୍ତା ମହାନ୍ତି ୧୭
- ପଳାଶ ଫୁଲ
  - ରଞ୍ଜନ କୁମାର ଯତି ୨୧
- ମଉଳା ଫୁଲର ବାସ୍ନା
  - ମହେନ୍ଦ୍ର ବିଶ୍ୱାଳ ୨୩
- ନିସ୍ତବ୍ଧ ଗୋଧୂଳି
  - ସମ୍ପ୍ରବୀ ସିଂହ ୨୬
- ଓଁ କଳାକଳେବରଙ୍କର ନବକଳେବର
  - ବ୍ରଜବନ୍ଧୁ ପୃଷ୍ଟି ୨୯



# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଜିଲ୍ଲା................................................................. ପିନ୍‌କୋର୍ଡ୍ ....................................

ମୋବାଇଲ୍ ନମ୍ବର ............................................ ଇ-ମେଲ୍ ..............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଅବାଞ୍ଛିତ ମାତୃତ୍ୱରେ ଅକାଳମୃତ୍ୟୁ

- ଡକ୍ଟର ଦିପକ କୁମାର ଦାଶ

ପ୍ରଭାତର କଅଁଳିଆ ସୁନେଲୀ ଖରା ମହାନଦୀର ବାଲୁକାରାଶିକୁ ସ୍ପର୍ଶ କରି ସୃଷ୍ଟି କରୁଛି ଏକ ମନୋରମ ଦୃଶ୍ୟ, ଏକ ଜ୍ୱଳନ୍ତମାନ ଆଭା । ବାଲୁକା ରାଶିର ଚିକ୍‌ମିକ୍ ମନଭିତରେ ସୃଷ୍ଟି କରୁଛି ଏକ ମେଚି ମାଣିକ୍ୟର ପ୍ରହେଳିକା । ଦଲକାଏ ସକାଳୁଆ ପବନରେ ଲତାର ନୁଖୁରା କେଶଗୁଡ଼ିକ ଅମାନିଆ ଭାବେ ଏପଟ ସେପଟ ହେଉଛି । ଲତା କେଉଁ ଏକ ଅଗମ୍ୟ ଆଦିବାସୀ ଇଲାକାର ନିରିମାଖୀ ତେର ବର୍ଷର କିଶୋରୀ ଟିଏ । ଆଦିବାସୀ ପିଲାଙ୍କ ଶିକ୍ଷା ନିମନ୍ତେ ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ଆଶ୍ରମ ବିଦ୍ୟାଳୟର ହଷ୍ଟେଲରେ ରହି ଆଖିରେ ଭବିଷ୍ୟତର ସୁନେଲୀ ସପ୍ନ ଦେଖୁଥିବା ଲତା ଥିଲା ବାପା ମା ଛେଉଣ୍ଡ । ହଷ୍ଟେଲରେ ତାହା ସହ ଦେଖା ହୋଇଥିଲା ବିନୁଭାଇ । ବିନୁ ଭାଇଥିଲା ତାର ସବୁକିଛି, ତା ବିଶ୍ୱାସର ପ୍ରତୀକ ତା ଅନ୍ତରର ଆତ୍ମା, ତାର ଅତି ନିଜର । ବିନୁଭାଇ ତା ପାଇଁ ଆଣିଦିଏ ପାଉଡର ବାସନା ଅତର, ରଙ୍ଗୀନ୍ ରିବନ । କଥାରେ କଥାରେ ଚପଳମତି ଲତା ସମସ୍ତଙ୍କୁ ବିନୁଭାଇର କଥାକହି ପାଏ ଅଫୁରନ୍ତ ଆନନ୍ଦ ।

ହଷ୍ଟେଲ ପାଖ ଗାଁରେ ବସତିସ୍ଥାପନ କରିଥିବା ପଇଁତିରିଶି ବର୍ଷୀୟ ବିନୁଭାଇ ଥିଲା ଲତାର ଅତିନିଜର ଅତି ଆପଣାର । ସମୟେ ସମୟେ ବିନୁ ହଷ୍ଟେଲରେ କାମଧନ୍ଦା କରିବା ସମୟରେ ଉଭୟଙ୍କ ମଧରେ ବିକଶିତ ହୋଇଥିଲା ଏକ ଉତ୍ତମ ସେତୁରୂପକ ବନ୍ଧନ, ଏକ ସରଳ ବିଶ୍ୱାସ, ନିଷ୍କପଟ ସମ୍ପର୍କ । ନିଜରଲୋକ ପାଖରେ ଜିଦି କରିବାର ଥାଏ ଏକ ଅଦେଖା ଆନନ୍ଦ, ଏକ ନୂତନ ଶିହରଣ - ଏହି କଥାକୁ ଛତ୍ରେ ଛତ୍ରେ ଅନୁଭବ କରି ଲତା ତା ଆପଣାର ବିନୁଭାଇ ପାଖରେ ଗେହ୍ଲେଇ ହୋଇଥିଲା କଟକ ପ୍ରସିଦ୍ଧ ବାଲିଯାତ୍ରା ଦେଖିବାକୁ । ଛଦ୍ମବେଶୀ ବିନୁ ଯିଏ ସୁଯୋଗର ଅପେକ୍ଷାରେ ଥିଲା ତତ୍‌କ୍ଷଣାତ୍ ଏ ପ୍ରସ୍ତାବରେ ରାଜି ହୋଇ ନିଷ୍କଳଙ୍କ ଝରଣାଲତାକୁ ଆଣିଥିଲା କର୍ଦ୍ଦମାସିକ୍ତ ନଦୀ ସଦୃଶ ସହରକୁ । ବାଲିଯାତ୍ରାରେ ଲତାକୁ ଦେଇଥିଲା ଅନେକ ବସ୍ତୁ, ଅନେକ ଖୁସି । ସବୁଠୁ ବେଶି ଆନନ୍ଦ ହୋଇଥିଲା ବିନୁଭାଇ ସଙ୍ଗେ ହାତରେ ହାତ ମିଶାଇ ଚାଲିବାରେ । କି ଅଫୁରନ୍ତ ଆନନ୍ଦ, କି ନୂତନ ଶିହରଣ । ସେ ଆବିଷ୍କାର କଲା ଏକ ନୂତନ ଦୁନିଆ ।

ଲତା ଓ ତାର ପ୍ରିୟ ବିନୁଭାଇ ରାତି ସାଢ଼େ ଏଗାର ବେଳେ ଫେରିଥିଲେ ବାଲିଯାତ୍ରାରୁ । ଲତାର ବ୍ୟତିବ୍ୟସ୍ତ ପ୍ରଶ୍ନ କେଉଁଠି ରହିବାର, ବିନୁର ମୁହଁରୁ ବାହାରି ଆସିଥିଲା ସଂପର୍କୀୟଙ୍କ ଘରେ । ଦୁହେଁ ମାଡିଚାଲିଲେ ସେମାନଙ୍କର ଲକ୍ଷ୍ୟସ୍ଥଳ ସଂପର୍କୀୟର ଘର । ସେଠାରେ ପହଞ୍ଚିବା ପରେ ଲତାର ପ୍ରଶ୍ନ ଏଠାରେ କ'ଣ କେହି ନାହାଁନ୍ତି ? ବିନୁର ତତ୍‌କ୍ଷଣାତ ଉତ୍ତର ଥିଲା ଆମେ ଆସିବା ବୋଲି ମୋର ସାଙ୍ଗ ମୋତେ ଚାବି ଦେଇ ଅନ୍ୟତ୍ର ଚାଲିଯାଇଛି । କପଟ ସ୍ପର୍ଶ କରିନଥିବା ନିରିମାଖି ଲତା ହଠାତ୍ ଅନୁଭବ କରୁଛି ତା ପିଠି ଉପରେ କାହାର ସ୍ପର୍ଶ । ଚମକିପଡି ଦେଖେ ତ ତା'ର ଅତି ଆପଣାର ବିନୁଭାଇ । ଅନ୍ଧାର କଳାରାତିରେ ବିନୁଭାଇ ବୋଳିଦେଲା ସେମାନଙ୍କର ସଂପର୍କରେ କାଳିମା । ବିନୁଭାଇର ଶକ୍ତ ବାହୁର ପ୍ରଭାବରୁ ମୁକୁଳିପାରିଲାନି ନିରିମାଖି ଲତା । ଅନ୍ୟାନ୍ୟ ଉପାୟ ହୋଇ ନିଜେ ନିଜକୁ, ନିଜ ଶରୀରକୁ ସମର୍ପି ଦେଇଛି କାମାନ୍ଧ ବିନୁଭାଇ ପାଖରେ । ସେ ଅନୁଭବ କରିଛି ବିଶ୍ୱାସରେ ବିଷ କେତେ ଭୟଙ୍କର ହୋଇପାରେ । ତାର ଆଖିରେ ନାଚିଯାଇଛି ବିନୁଭାଇର ଏହି ବିଭତ୍ସ ତଥା କୁତ୍ସିତ ଘୃଣ୍ୟ ରୂପ ।

ସକାଳର ସୂର୍ଯ୍ୟ ଲତାକୁ ଛୁଇଁବା ବେଳକୁ ଚାଲିବାର ସକ୍ଷମତା ତା ପାଖେ ନଥାଏ କି ପାଖରେ ନଥାଏ ବିନୁ । ଆକାଶ ଖସି ପଡିବା ଭଳି ଲାଗେ । କୁଆଡେ ଯିବ ଅଜଣା ସହରରେ, ଅଚିହ୍ନା ଲୋକଙ୍କ ଭିତରେ । ଭାବନା ର ଦୁନିଆରେ ବୁଡି ରହିଥିବା ଲତା ଶୁଣିପାରିଲା କେଉଁ

ଏକ ଅଜଣା ସର - ନିଅ ଏହି ପଚାଶ ଟଙ୍କା । ଘରକୁ ଯିବ, ଲତାର କେବଳ ଗୋଟିଏ ପ୍ରଶ୍ନ କୁଆଡେ ଗଲେ ବିନୁଭାଇ ? ସମସ୍ତ ଘଟଣା ସଂପର୍କରେ ଅଜଣା ବ୍ୟକ୍ତିଠାରୁ ଏକ ସମ୍ୟକ ଧାରଣା ପାଇ ତାହାର ସାହାଯ୍ୟରେ ପହଞ୍ଚିଲା ମହାନଦୀ କୂଳରେ । ମହାନଦୀର ସ୍ବଚ୍ଛଜଳ ଓ ବାଲୁକା ରାଶିକୁ ଦେଖି ସେ ଜାଣିଲା । ଜୀବନ ବର୍ଷା ଓ ବସନ୍ତର ଏକ ସଙ୍ଗମ ନୁହେଁ ବରଂ ବର୍ଷା ଓ ରୌଦ୍ରର ଏକ ତାଣ୍ଡବ । ଅସଜଡ଼ା ଅତୀତକୁ ସାଉଁଟି ଦେହ ଓ ମନର ଯନ୍ତ୍ରଣାକୁ ଚାପିରଖି ଲତା ବସ୍ ଧରି ପହଁଞ୍ଚିଲା ତା'ର ପୂର୍ବ ଆପଣାର ଆଦିବାସୀ ଅଧୂଷିତ ହଷ୍ଟେଲରେ ।

ବିଭତ୍ସ ଅତୀତକୁ ଭୁଲିବା ପାଇଁ ଚେଷ୍ଟାକରୁଥିବା ସମୟରେ ତା'ମନକୁ ଜାଳିପୋଡି ଛାରଖାର କରିଦେଇଥିଲା । ବିନୁର କେଇପଦ ମିଛ - ଲତା ବାଲିଯାତ୍ରାରେ ହଜିଯାଇଛି । ଲତାକୁ ନିଜ ପାଖରେ ଦେଖି ବିନୁ ଇତସ୍ତତଃ ତଥା ହତୋତ୍ସାହିତ ହେଲା । ତା ପାଖକୁ ଆସି କହିଲା କଟକର ଘଟଣାକୁ କହିବୁନି । ନିରୀହ ଲତାର ମୁହଁରୁ ବାହାରି ଆସିଥିଲା "ଆଉ କ'ଣ ରହିଗଲା ଯେ ମୁଁ କହିବି" ବିବାହର ପ୍ରତିଶ୍ରୁତି ଦେଇ ବିନୁ ତା ମୁହଁରେ ତାଲା ପକାଇଦେଲା, ସରଳ, ନିଷ୍କପଟ, ଛନ୍ଦ ଜାଣିନଥିବା ଲତା ମନରେ ସୃଷ୍ଟି ହେଲା ଶହଶହ ଆଶାର ଦୀପ, ପ୍ରଜ୍ୱଳିତ ହେଲା ଭରସାର ବହ୍ନି । ବିନୁଭାଇ ତାକୁ ବାହା ହେବ, ସମାଜରେ ସୀକୃତି ଦେବ ଭାବି ତାର ବିନୁଭାଇ ପ୍ରତି ପୂର୍ବ ବିଶ୍ୱାସ ଫେରି ଆସିଲା ।

ସମୟ କାହାକୁ ଅପେକ୍ଷା କରେନି । ସମୟ ଗଡ଼ିଚାଲେ ଆଗକୁ ଆଗକୁ ବହୁତ ଆଗକୁ । ଏ କଥା ମଧ୍ୟ ଘଟିଥିଲା ଲତା କ୍ଷେତ୍ରରେ । ତା'ମୁଣ୍ଡରେ ବଜ୍ର ପଡିଲା, ଯେତେବେଳେ ସେ ଜାଣିଲା ସେ ହୋଇଛି ଅନ୍ତଃସତ୍ତ୍ୱା । । ସେ ହେବାକୁ ଯାଉଛି ବିନୁ ସନ୍ତାନର ଜନନୀ । ହଷ୍ଟେଲରେ ଟୁପୁର୍ ଟାପୁର୍ କଥା ତୁଣ୍ଡବାଇଦ ପରି ମାଡ଼ି ଚାଲିଥାଏ । ସେ ଉତ୍‌ଫୁଲ୍ଲିତ ନାରୀ ହେବାର ସାର୍ଥକତା ଲାଭ କରିଛି, ନୂତନ ସୃଷ୍ଟି ସମ୍ଭାର ଧାରଣ କରିଛି, ଭଗବାନଙ୍କ ଅନବଦ୍ୟ ଦାନ ମାତୃତ୍ୱର,ସେ ଅନୁଭବ କରିବାକୁ ଯାଉଛି । ଏ ସବୁ ସପ୍ନ ଦୂରେଇ ଯାଉଛି ଯେତେବେଳେ ସେ ଭାବୁଛି ଯଦି ବିନୁଭାଇ ମୋତେ ନ ଆପଣାଏ ...... ତେବେ । ଆଶଙ୍କା ସତରେ ପରିଣତ ହେଲା । ବିନୁଭାଇର ଦେଖାନାହିଁ ସତେ ଯେମିତି ଅଦୃଶ୍ୟ ଆତ୍ମା । ଗର୍ଭକଷ୍ଟ ସହିତ ବିନୁଭାଇକୁ ଅପେକ୍ଷା କଷ୍ଟ ତାକୁ ଘାଣ୍ଟି ପକାଉଥାଏ । ଶେଷରେ ଗର୍ଭ ଯନ୍ତ୍ରଣା ସହିନପାରି ଡାକ୍ତରଖାନାରେ ଲତା ଶେଷ ନିଶ୍ୱାସ ତ୍ୟାଗ କଲା । ବିନୁଭାଇ ଅପେକ୍ଷାର ଘଟିଲା ଅନ୍ତ । ଛୁଆଟି ବି ବଞ୍ଚିଲାନି । ଶବ ନେବାକୁ କେହି ଆସିଲେ ନାହିଁ । ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ହେଲା ଶବଦାହ । ନାରୀ ଶକ୍ତିର ବିକାଶ ପ୍ରମାଣିତ ହେଲା ଏକ ଫାଙ୍କା ଆବାଜ । ପ୍ରଶ୍ନଉଠେ, ଲତାର ଅପମୃତ୍ୟୁ ସମାଜକୁ ଆଙ୍ଗୁଳି ଦେଖାଇ ପାଚାରେ କିଏ ଦାୟୀ କୁମାରୀ ମାତୃତ୍ୱ ପାଇଁ । କୁଆଡେ ଗଲା ନାରୀବାଦୀମାନଙ୍କର ଚିରାଚରିତ ସ୍ଲୋଗାନ ସ୍ୱେଚ୍ଛାସେବୀମାନଙ୍କର ନାରୀପ୍ରତି ଦରଦ । ମାତୃତ୍ୱ ଆଶୀର୍ବାଦ ପାଲଟିଗଲା ଅଭିଶାପ । ସେତିକିରେ ସରିଯାଏନା, ଦାନ୍ତ ନେକୁଟେଇ ସମାଜର ତଥାକଥିତ ଠିକାଦାରମାନେ ଗଣମାଧ୍ୟମରେ ମୁଖ୍ୟତଃ ବିଦ୍ୟୁତ୍ ଗଣମାଧ୍ୟମର ଶୀତ ତାପ ନିୟନ୍ତ୍ରିତ ଷ୍ଟୁଡିଓରେ ପୋଷ୍ଟମର୍ଟମ କରନ୍ତି ଲତାର ମୃତ୍ୟୁ ଓ ଲତାର ଚରିତ୍ର । ଲତା ଭଳି କୋମଳ ନିରିମାଖି କିଶୋରୀମାନଙ୍କର ଅପମୃତ୍ୟୁ ନହେଉ - କୁମାରୀ ମାତୃତ୍ୱକୁ ରୋକାଯାଉ-ଏ ଶପଥ ସମସ୍ତେ ନେଲେ ପ୍ଲାଟୋଙ୍କ ଆଦର୍ଶ ରାଷ୍ଟ୍ର ଓ ଗାନ୍ଧିଜୀଙ୍କ ରାମରାଜ୍ୟ ପ୍ରତିଷ୍ଠା ହେବ ଏଥିରେ ସନ୍ଦେହ ନାହିଁ ।

ଖ୍ରୀଷ୍ଟମହାବିଦ୍ୟାଳୟ, କଟକ

❑ ❑ ❑

# ମୋ ନାଁ କ'ଣ ?

**- ଗୀତାଞ୍ଜଳି ନାୟକ**

ସତରେ ମୋ ନାଁ କ'ଣ ? ନିଜକୁ ପଚାରି ପଚାରି ଥକି ଗଲିଣି, ହେଲେ ତାର ଉତ୍ତର ପାଏନି । ଗୋଟେପରେ ଗୋଟେ ନାଁ ମୋ ମନକୁ ଆସେ, ମୋ ପ୍ରକୃତ ନାଁଟି କ'ଣ ? ଭାବି ଭାବି ମୋ ଇତିହାସରେ ପ୍ରଥମ ପୃଷ୍ଠା ଖୋଲି ପଢ଼େ, ପ୍ରଥମେ ମୁଁ ଷ୍ଟେସନର ଡଷ୍ଟବିନ୍‌ରୁ ଉଦ୍ଧାର ହୁଏ । ସେଇ ମୋର ବାପା, ମା' । ବର୍ଷାପାଣି ପିଇ ଶୀତ, କାକର କୁ ଭାଇ, ଭଉଣୀ କରି ବଢ଼ ହୁଏ । ଚାଲି ଶିଖେ, ମା, ବାବୁମାନଙ୍କୁ ମା... ବାବୁ.... କହି ଭିକମାଗି ପେଟ ପୋଷେ । ସେତେବେଳେ ସେମାନେ ମୋର ବାପା,ମା ହେଇ ଯାଆନ୍ତି । ବଡ଼ ହେବାରୁ ନିଜ ବିଷୟରେ ଜାଣିବାକୁ ଆଗ୍ରହ ହେଲା । ତେଣୁ ଷ୍ଟେସନ ଓଳାଉ ଥିବା 'ଚାଚା'ଙ୍କୁ ପଚାରିଲି ତୁମେ ତ ବହୁତ ପୁରୁଣା, ମୋ ବାପା, ମା' କିଏ ଜାଣିଛ ? ସେ କହିଲେ ମା'ଟି ତୋର ଗୋଟେ ପାଗେଳି ଥିଲା । ଆଉ ତୋତେ ଜନ୍ମଦେଇ ଆରପାରିକୁ ଚାଲିଗଲା । ମୁଁ ପଚାରିଲି ମୋ ବାପା କିଏ ? ସେ କହିଲେ ତୋ ମା' ବିଚରା କୋଉ ଶିକାରୀର ଜାଲରେ ଛନ୍ଦି ହେଇ ଶିକାର ପାଲିଟିଗଲା । ଆଜିକାଲିର ପୀଡିତା ନ ହୋଇ ସେ ହେଇଗଲା ପାଗେଳି । ତେଣୁ ସମସ୍ତେ ମତେ ପାଗେଳି ପୁଅ ବୋଲି ଡାକିଲେ, ମୁଁ ଧାଇଁ ଯାଉଥିଲି । ତା'ପରେ ବାବୁଟିଏ ଦେଖିଲେ, କହିଲେ ଭିକମାଗୁଛୁ ଆସେ ମୋ ପାଖରେ ରହି କାମ ଶିଖିବୁ । ମୁଁ ବି ତୋ ଭଳି ଥିଲି, କାମକରି ଆଜି ବାବୁ ହେଇଛି, ମୋର ବଡ଼ ହୋଟେଲ୍ ଅଛି । ତାଙ୍କ କଥାରେ ରାଜିହୋଇ ତାଙ୍କ ସାଙ୍ଗରେ ଚାଲି, ହୋଟେଲ୍‌ରେ କାମକଲି, ପ୍ଲେଟ୍ ଧୋଇଲି, ବାବୁମାନଙ୍କୁ ଖାଇବାକୁ ବାଢ଼ିଦେଲି । ମୁଁ ଭାବିଲି ଖାଇପିଇ କିଛି ପଇସା ସଞ୍ଚୟ କଲେ ମୁଁ ଦିନେ ହୋଟେଲ୍ ମାଲିକ ହେବି, ହେଲେ ଭଗବାନଙ୍କର ଭାବିବା ଠିକ୍ ଓଲଟା ଥିଲା । ଦିନେ ଖାଦ୍ୟରୁ ମାଛି ବାହାରିଲା, ମୋ ମୁହଁକୁ ବାବୁ ଜଣଙ୍କ ରାଗରେ ତରକାରୀ ଫିଙ୍ଗି ଚାଲିଗଲେ । ହୋଟେଲ୍ ମାଲିକ ମୋତେ ଏ "ଟୋକା" କହି ଡାକନ୍ତି, ସେ ମୋତେ ଡାକିଲେ ମୁଁ ଦଉଡ଼ିଗଲି । ସେ ମାଛି ବାହାରିବା ରାଗରେ ମୋତେ କଠନିଆଁ ଆଣି ଚେଙ୍କ ଦେଇ ଦେଲେ । ସେଠି ଜଣେ ବହୁତ ଦୟାଳୁ ଭଦ୍ରମହିଳା ମୋର ଏପରି ଅବସ୍ଥା ଦେଖି କୋଳକୁ ନେଇ କହିଲେ ମୋ ସାଙ୍ଗରେ ଚାଲେ, ମୋ ପୁଅପରି ମୋ ପାଖରେ ରହିବୁ । ମୁଁ ଲୁହପୋଛି ମା'ଟିଏ ପାଇଲି ଭାବି ତାଙ୍କ ସାଙ୍ଗରେ ଗଲି ହେଲେ ଦିନ ରାତି ଘରକାମ ସାଙ୍ଗକୁ ଘସାମୋଡ଼ା କରେ । ଗଣ୍ଡେଖାଏ, ଯିଏ ଘରକୁ ଆସିଲେ 'ମା' ଆଉ ବାବୁ ଚିହ୍ନେଇ ଦେଇ କୁହନ୍ତି ଇଏ ଆମ ଚାକର । ସେଇଠି ମନେ ମନେ ଭାବେ ମୋ ନାଁ "ଚାକର" ବୋଲି । ଘର ଓଳେଇଲା ବେଳେ କି ବାସନ ମାଜିବା ବେଳେ କିଛି ଜିନିଷ ଭାଙ୍ଗିଗଲେ, ମୋ ମିଲ୍ ସେଦିନ ବନ୍ଦ । ମୁଁ ଯାହାକୁ ମା' ଭାବି ଆସିଥିଲି ମୋ ଭାଗ୍ୟକୁ ସେ ରାକ୍ଷସୀ ପାଲିଟି ଯାଆନ୍ତି । ବାବୁ ନଥିବା ବେଳେ ମା' ତାଙ୍କ ରୁମ୍‌କୁ ମତେ ଡାକନ୍ତି, ମୁଁ ଜାଣିନଥିଲି ମୁଁ ଛୋଟରୁ ଏତେବଡ଼ ହେଇଗଲିଣି । ଦିନେ ମା'ଙ୍କ ରୁମ୍‌ରେ ବାବୁ ମୋତେ ଦେଖିଦେଲେ ପିଟି ପିଟି ଛାଲ ଉତାରି ଦେଲେ । ତା'ପରେ ନେଇ ଜେଲ୍‌ରେ ଛାଡ଼ିଦେଲେ ।

ଜେଲ୍‌ରେ କଏଦୀ ଭାଇଙ୍କ ସାଙ୍ଗେ ଦିନ କାଟିଲି ଭାବିଲି ଇଏ ମୋର ଘର । ଏମାନେ ମୋର ଭାଇ, ସେଠି ଡାକନ୍ତି ମୋତେ "କଏଦୀ" ବୋଲି । ଥରେ ଜଣେ କଏଦୀ ଭାଇଙ୍କ ସାଙ୍ଗେ ଘନିଷ୍ଠତା ବଢ଼ିଗଲା । ସେ କହିଲା ମୋ ଦଳର ନେତା ଆଜି ଆସିବ ମତେ ଖଲାସ କରିବାକୁ, କହିବି କି ତତେ ମୁକୁଳେଇ ଦବ ? ମୋ ଆନନ୍ଦର ସୀମା ରହିଲା ନାହିଁ, ମୁଁ ଆଗକୁ ପଛକୁ କିଛି ବିଚାର ନ କରି "ହଁ" କରିଦେଲି । ନେତା ଆସିଲେ ଆମକୁ ମୁକୁଳାଇ ନେଲେ ।

ମୁଁ ଭାବିଲି ଏ ଦଳର ନେତା ନୁହଁନ୍ତି ଇଏ ସୟଂ "ନାରାୟଣ" । ସେ କହିଲେ ଆସେ ଆମ ଗ୍ୟାଙ୍ଗ୍‌ରେ ରହିବୁ

। ଅନ୍ଧାରରୁ ଯିଏ ଆଲୋକ ଦେଖେଇଛନ୍ତି ତାଙ୍କ ସାଙ୍ଗରେ ଯିବାରେ ମୋର ସଙ୍କୋଚ କରିବା ଅନୁଚିତ୍ । ଆଉ ଅନ୍ୟ କିଛି ଭାବିବା ତାଙ୍କ ବିଷୟରେ ପାପ ହେବ । ତେଣୁ ତାଙ୍କ ସାଙ୍ଗରେ ଚାଲିଗଲି । କିନ୍ତୁ ସେ ନାରାୟଣ ନଥିଲେ, ସେ ଥିଲେ ନକ୍ସଲନେତା । ମଣିଷ ରକ୍ତପାନ କରୁଥିବା ନରଖାଦକ, ରାକ୍ଷସ । ମୋ ହାତରେ ବନ୍ଧୁକ ଧରାଇ ଦେଲେ । ମୁଁ ହେଇଗଲି "ନକ୍ସଲ" । ଯେଉଁ ଗାଁକୁ ଗଲି ସମସ୍ତେ ଭୟରେ ଥରିଲେ । କହିଲେ ନକ୍ସଲ ମାନେ ଆସିଛନ୍ତି । ମୋ ନାଁ "ନକ୍ସଲ" ହେଇଗଲା । କେତେ ନିରିହ ପ୍ରାଣ, କେତେ ଦେଶଭକ୍ତ, କେତେ ସମାଜ ସେବକ ମୁଁ ସମସ୍ତଙ୍କ ସପ୍ନ ଭାଙ୍ଗିଦେଲି । କାହାକୁ ବାପାଛେଉଣ୍ଡ କରିଦେଲି ତ କାହାକୁ ବିଧବା ସଜାଇ ଦେଲି । ମୋ ଅଜାଣତରେ କେତେ ସଂସାର ଉଜୁଡି ଗଲା , କେତେ ସମାଜର ମଙ୍ଗଳ କରୁଥିବା ନାମି ଦାମି ଲୋକ ଚାଲିଗଲେ । ମୁଁ ସମାଜର ଜଣେ କଳଙ୍କିତ ପୁରୁଷ ପାଲଟି ଗଲି, ମୋ ଦଶେମାଟିର ଏତେବଡ଼ କ୍ଷତି ମୋ ଦ୍ୱାରା ହେଇଗଲା, ମୁଁ ପୁରୁଷରୁ ବିଷପୁରୁଷ ହେଇଗଲି ।

ଏହିସବୁ ଦେଇ ମୁଁ ଗତି କଲାବେଳକୁ ବୃଦ୍ଧାବସ୍ଥା ମତେ ଛୁଇଁଦେଲାଣି । ଭାବୁଛି କ'ଣ କଲେ ଶେଷସମୟରେ ମୋର ମନସ୍ତାପ ଆଉ ପ୍ରାୟଶ୍ଚିତ କରିବି । ମୁଁ କିପରି ମୋର ରତ୍ନାକର ଜୀବନକୁ ଇତିହାସ ପୃଷ୍ଠାରୁ ଲିଭାଇ ଦେବି । ମୁଁ ଥିଲି ପଳାସ ଫୁଲ ପରି ଅଲୋଡ଼ା । ମୋ ଝଡ଼ିବା ପୂର୍ବରୁ କେହି ମୋ ପରି ଏତେ ନାଁ ର ଡାକ ନ ଶୁଣୁ । ସେହି ଅନାଥ କଳିକାମାନଙ୍କୁ ମୁଁ ତୋଳି ମୋ ଅଗଣାରେ ହସେଇବି, ଖେଳେଇବି, ତାଙ୍କୁ ଗୋଟିଏ ନାଁ ଦେବି ।

ଦୟାକରି ମୋ ଅନୁରୋଧ ରଖନ୍ତୁ, ଆଉ କିଛି ଲୋକଙ୍କ ପାଇଁ ଦେଶରେ ଆତଙ୍କବାଦୀ ମଞ୍ଜି ପୋତୁଥିବା ଲୋକ ନିଜକୁ ସଜାଡ଼ି ନିଅନ୍ତୁ । ପୁରୁଷରୁ ବିଷପୁରୁଷ ପାଲଟି ଯାଆନ୍ତୁ ନାହିଁ । ମୁହୁର୍ତ୍ତ କ ର ଖୁସି କୁ ଅନୁଭବ କରିବାକୁ ଯାଇ ମୋ ମା' ଭଳି ଆଉ କାହା ମା'କୁ ପାଗେଳି ସଜାନ୍ତୁ ନାହିଁ । ଆଉ ମୋ ଭଳି ଅନାଥ ନାଁ ନଥିବା ବିଷ ବୃକ୍ଷ ସୃଷ୍ଟି କରନ୍ତୁ ନାହିଁ । ତୁମଦ୍ୱାରା ଦେଶର ଏତେବଡ଼ କ୍ଷତି ନହେଉ ।

ଭଗବାନ ଦୟା, କ୍ଷମା, ଲଜ୍ୟା ଏସବୁ ମହାନ୍ ଗୁଣ କେବଳ ମନୁଷ୍ୟ ଶ୍ରେଷ୍ଠ ପ୍ରାଣୀବୋଲି ଭଗବାନ ତାଙ୍କୁ ଦେଇଛନ୍ତି । ଗରିବ ପିଲାକୁ ଦୟା କରିବା ବଦଳରେ ତାର ଅସହାୟତାର ଫାଇଦା ଉଠାନ୍ତୁ ନାହିଁ, ନିଆଁ ଚେଙ୍କ ନଦେଇ ଥରେ ମଣିଷ ରୁ ଭଗବାନ ସ୍ଥାନରେ ରୁହନ୍ତୁ । ମଣିଷରୁ ପଶୁ ପାଲଟି ଯାଆନ୍ତୁ ନାହିଁ ।

ମା' ଡାକର ମୂଲ୍ୟ ବୁଝ, ମା' ଡାକରେ ମନ୍ଦିରର ପଥର ମୂର୍ତ୍ତି କଥା କହନ୍ତି । ସେହି ଅମୂଲ୍ୟ ଡାକର ଅପମାନ କର ନାହିଁ । ଯାହାକୁ ସର୍ବସଂହା ଧରିତ୍ରୀ ସାଙ୍ଗରେ ସମାନ କରାଯାଇଛି । ମା' ଡାକକୁ ଅପବିତ୍ର କରନ୍ତୁ ନାହିଁ । କାହା ଆଖିରୁ ଲୁହ ପୋଛିବାର ଛଳନା କରି, ଲୁହ ଦିଅନାହିଁ । କାହାଭାବନା ସାଙ୍ଗରେ ଖେଳନାହିଁ । ଦୟା ଯଦି ନ କରିପାରିଲ ତା ହେଲେ ନିଜକୁ ଦାନବୀ ସଜାଅ ନାହିଁ । ସବୁବେଳେ ମା' ରୂପେ ପୂଜା ଯୋଗ୍ୟ ହୁଅ ।

ସମସ୍ତେ ମିଶି ସୁନ୍ଦର ଦେଶ ଗଢ଼ନ୍ତୁ । ଗଢ଼ିବାରେ କେତେ ଆନନ୍ଦ ନିଜେ ଗଢ଼ି ଅନୁଭବ କରନ୍ତୁ । ଭଲକାମରେ କେତେ ଯେ ଖୁସି ଥରେ ତା'ର ସ୍ୱାଦ ଚାଖନ୍ତୁ । ନିଜକୁ ଶାନ୍ତି ଲାଗିବା ସହ ଅନ୍ୟକୁ ସୁଖ, ଶାନ୍ତି ପ୍ରଦାନ କରନ୍ତୁ ।

ଆପଣମାନେ ମୋ ନାଁ କ'ଣ ଦେବେ ମୁଁ ଜାଣିନି, ହେଲେ ମୋର ପାଗେଳି ପୁଅ, ଟୋକା, ଚାକର, କଏଦୀ, ନକ୍ସଲ ନାଁ କୁ ମୋ ଇତିହାସ ବହିରୁ ସେହି ପୃଷ୍ଠା ଚିରିଦେବି । ଆଉ ମୋ ନାଁ ବାଲ୍ମିକୀ ଦେବି ।

ନୂଆପଡ଼ା ବାଲିସାହି

❑ ❑ ❑

# ପ୍ରତାରଣାର ଅନ୍ୟନାମ ବିଶ୍ୱାସଘାତକ

**- ସୌଦାମିନୀ ଦାସ**

ବର୍ଷା ଅବସର ନେଇଛି । ଟୁପର ଟାପର ଶବ୍ଦ ଆଉ ଶୁଭୁନାହିଁ, ସମୟ ଅପରାହ୍ନ ୫ଟା । ପଶ୍ଚିମ ଆକାଶରୁ କଅଁଳ ସୂର୍ଯ୍ୟ ସଂଗ୍ରାମ କରୁଛି ଭସା ବାଦଲ ଫଟାଇ ଆଗକୁ ଆସିବ ପାଇଁ । ସମୟେ ସମୟେ ଜିତୁଛି ତ ପୁଣି ହାର ମାନୁଛି । ପାଣି ବେଙ୍ଗଗୁଡ଼ିକର କେଁ କଟର ଶବ୍ଦରେ ପୋଖରୀ କୂଳଟା କମ୍ପିଉଠୁଥାଏ । ନୀଳିମା ବସି ବସି କ'ଣ ଭାବୁଛି କେଜାଣି । ଚୁପ୍ ହେଇ ବସିଛି । ହଠାତ୍ ପଛରୁ ଗୋଟିଏ କୋମଳ ସ୍ପର୍ଶ ଅନୁଭବ କରିଛି । ଚମକି ପଡି ପ୍ରଶ୍ନ କରୁଛି ଆରେ ଆଲୋକ ତମେ କେତେବେଳେ । ମୁଁ ପରା ଅଧଘଣ୍ଟା ହେଲା ତମ ପଛପଟରେ ଛିଡା ହେଇଥିଲି । ତମେ କ'ଣ ପାଗଳ ନାଁ କ'ଣ ଅଧଘଣ୍ଟା ହେଲା ଛିଡା ହେଇଛ ମତେ କହୁନାହଁ । ମୁଁ କ'ଣ ତମର ଶତ୍ରୁ ଅଟେ ତମେ ଏଠ ବସି ଏକୁଟିଆ ଏ ପ୍ରକୃତିର ସୌନ୍ଦର୍ଯ୍ୟକୁ ଅନୁଭବ କରୁଛ ମୁଁ ତମକୁ ଡିଷ୍ଟର୍ବ କରିବି । କି କଥା ? ତା ମାନେ ତମେ କ'ଣ ଏମିତି ଘଣ୍ଟା ଘଣ୍ଟା ଧରି ଛିଡା ହେଇଥିବ । ମୁଁ ତ ତମ ପାଇଁ ଜୀବନ ସାରା ଛିଡା ହେଇରହିବି । ହଉ ଆଉ ଏତେ ଫିଲୋସଫର ବନନା । ଗୋଟିଏ କଥା ପଚାରିବି ନିଳୀମା । କ'ଣ କହୁନ, ତମେ ଏତେ ସମୟ ବସି ବସି କ'ଣ ଭାବୁଥିଲ । ସତରେ କହିବାକୁ ଗଲେ ମୁଁ ତମ କଥା ଭାବୁଥିଲି । ମୁଁ ଭାବୁଛି ମୁଁ ପୃଥିବୀ ଉପରେ ଗୋଟିଏ ଭାଗ୍ୟବାନ ପ୍ରେମିକ, କାରଣ ମୁଁ ତମପରି ଗୋଟିଏ ପ୍ରେମିକା ପାଇଛି ।

ନୀଳିମା ଓ ଆଲୋକ ସହପାଠୀ, ଦୁହେଁ ପ୍ରଥମ ଶ୍ରେଣୀରୁ କଲେଜ ପର୍ଯ୍ୟନ୍ତ ଏକାଠି ପାଠପଢ଼ିଛନ୍ତି । ଦୁହିଁଙ୍କ ପରିବାର ଭିତରେ ଅନେକ ଦିନରୁ ଘନିଷ୍ଠତା ଅଛି । ଦୁହେଁ ପରସ୍ପରକୁ ଅତି ନିବିଡ଼ ଭାବରେ ଭଲପାଆନ୍ତି । ନୀଳିମାର ମା ମଧ୍ୟ ଆଲେକକୁ ଅତି ସ୍ନେହ କରିଥାନ୍ତି । ଘରକୁ ଆସିଲେ ଘରର ସମସ୍ତ ପରିବାର ତାକୁ ଆଦର କରିଥାନ୍ତି । ଆଲୋକ ଉଚ୍ଚକୋଟିର ଶିକ୍ଷିତ ଯୁବକ । କଲେଜ ପାଠ ପଢ଼ା ସରିଲାପରେ ଆଲୋକ ଏବଂ ନୀଳିମା ଦୁହେଁ ବ୍ୟାଙ୍କ ପିଓ ପାଇଁ ପ୍ରିପାରେସନ ଆରମ୍ଭ କରିଥାନ୍ତି । ଆଲୋକ ନିଜ ପାଠପଢ଼ା ପଛକୁ ରଖି ନୀଳିମା ର ସବୁବେଳେ ଯତ୍ନ ନେଉଥାଏ । ତା ପାଠ ପଢ଼ା ଠାରୁ ଆରମ୍ଭ କରି ତାର ସମସ୍ତ ଦାୟିତ୍ୱ ବହନ କରିଥାଏ ।

ପାଠ ପଢୁଥିଲା ବେଳେ ଆଲୋକ କହିବସେ ଦେଖ ନୀଳିମା ମୁଁ ଚାହୁଁଛି ତମେ ଆଗରେ ଚାକିରୀ ପାଇଯାଅ । ମୁଁ ଜଗନ୍ନାଥଙ୍କ ପାଖରେ ନଡ଼ିଆ ବସେଇଛି । ତମେ କାହିଁକି ମୋ ପାଇଁ ନଡିଆ ବସେଇଛ, ବିରକ୍ତ ହେଇ ପ୍ରଶ୍ନକରେ ନୀଳିମା । ତମର କ'ଣ ଆଉକିଛି କାମଧନ୍ଦା ନାହିଁ, କିନ୍ତୁ ଦେଖ ମୋ ମନ କହୁଛି ତମେ ଆଗେ ଚାକିରୀ ପାଇଯିବ । ତମେ ପାଇଗଲେ ମୁଁ ଆଉ ଏତେ ପରିଶ୍ରମ କରିବିନି । ମତେ ଯାହା ଖୁସି ଲାଗିବ ତାହା କରିବି । ହଉ ହେଲା, ମୁଁ ଚାକିରୀ କରି ପଇସା ଆଣି ଆମେ ଦୁହେଁ ସେଥିରେ ଚଳିବା । ମୋ ମନରେ ବି ଅନେକ ଆଶା ଅଛି ମୁଁ ଦରମା ପାଇଲେ ପ୍ରଥମେ ମୋ ବାପା ମା ଏବଂ ତାପରେ ତମକୁ ଦେବି । ତମେ ମତେ ଯେତିକି ସାହାଯ୍ୟ କରିଛ ମୁଁ କେବେବି ଭୁଲି ପାରିବିନି । ଏତିକି କହି ନୀଳିମା, ଆଲୋକର ମୁହଁରେ ଗୋଟିଏ ଚୁମ୍ବନର ସରଳ ରେଖା ଆଙ୍କି ଦେଲା ।

ନୀଳିମାକୁ ଛାତିରେ ଚିପିଧରି ଆଲୋକ ମନରେ ଅପୁରନ୍ତ ଆଶା ସଞ୍ଚାର ହେଉଥିଲା । ସେ ଅନୁଭବ କଲା ଯେ, ଆଜି ଜୀବନର ପୂର୍ଣ୍ଣତା ଆସିଛି । ତାକୁ ବଞ୍ଚିବା ପାଇଁ ଗୋଟିଏ ସାହାରା ମିଳିଯାଇଛି । ତା'ର ନୀଳିମା ପ୍ରତି ଭଲପାଇବା ଏବଂ ବିଶ୍ୱାସ ଅଧିକରୁ ଅଧିକ ବଢ଼ି ଯାଇଛି । ତା' ପାଇଁ ନୀଳିମା ଅତି ମୂଲ୍ୟବାନ ବସ୍ତୁ ଯାହାକୁ ନେଇ ସେ ସାରା ଦୁନିଆ ସଙ୍ଗରେ ସଂଗ୍ରାମ କରିବ ।

ସମୟ ଦିନକୁ ଦିନ ବହି ଚାଲିଥାଏ । ସମୟ ସଙ୍ଗରେ ମଣିଷର ମଧ୍ୟ ଜୀବନ ବଦଳିଯାଏ । ଏହି ସମୟ

ଭିତରେ  ନୀଳିମାର ବ୍ୟାଙ୍କ ଚାକିରୀ ହେଇଛି । ତାର ଚାକିରୀ ପାଇଁ ୭୦ ହଜାର ଟଙ୍କା ଆବଶ୍ୟକ ଥିବାରୁ ଆଲେକ ତା ମା'ର ଅଳଙ୍କାରକୁ ବନ୍ଧା ରଖି ତାକୁ ଚାକିରୀ କରିବା ପାଇଁ ଦେଇଛି । ନୀଳିମାର ଚାକିରୀ ରେଜଲ୍ଟ ବାହାରିବା ଦିନ ଆଲୋକ ଖୁସିରେ ଆତ୍ମହରା ହେଇପଡିଥିଲେ । ସେ ନିଜେ ଫେଲ୍ ହେଇମଧ ତା ମନରେ ଟିକିଏ ଅବଶେଷ ନଥିଲା । ସାଙ୍ଗସାଥୀ ସମସ୍ତଙ୍କୁ ଡାକି ଭୋଜି ଦେଇଥିଲା । ନୀଳିମା ମଧ ତା ଖୁସିରେ ସାମିଲ୍ ହେଇ ଉପଭୋଗ କରିଥିଲା ।

ଦିନକୁ ଦିନ ସମୟ ଗଡ଼ିଚାଲିଲା,  ନୀଳିମା ଭାରି ବ୍ୟସ୍ତ ହେଇ ପଡୁଥିଲା, ଆଲୋକର ଚାକିରୀକୁ ନେଇ । ଆଲୋକ ଯେତେ ଇଣ୍ଟରଭ୍ୟୁ ଦେଉଥିଲା ସେ ସଫଳ ହେଇପାରିଲା ନାହିଁ । ଶେଷରେ ଡିସିସନ ନେଇ ଗୋଟିଏ ଗହଣା ଦୋକାନ ଖୋଲିବା ପାଇଁ । ଏଥିରେ ମଧ ନୀଳିମାର ସୀକାରୋକ୍ତି ଥିଲା । ସମସୟକୁ ସମୟ ନୀଳିମାର ବୟସ ବଢ଼ି ଚାଲିଥାଏ । ତା ବାପା ମାଆଙ୍କୁ ତା ବାହାଘର ପାଇଁ ଚିନ୍ତା ବଢ଼ିଚାଲିଥାଏ । ତାଙ୍କର ଆଲୋକ ପ୍ରତି ଆଉ ସେ ଭଲପାଇବା ଓ ଶ୍ରଦ୍ଧା କମିଯାଉଥାଏ । ତାକୁନେଇ ଯେଉଁ ସପ୍ନ ଦେଖୁଥିଲେ, ସେ ସପ୍ନରେ ଭଟ୍ଟା ପଡିଯାଉଥାଏ। କାହିଁ ତାଙ୍କ ଝିଅ ବ୍ୟାଙ୍କ ଅଫିସର ଆଉ ଆଲେକ ଗହଣା ଦୋକାନୀ ।  ନୀଳିମାର ବାପା ତାର ମା'କୁ ଝିଅ ବାହାଘର ବିଷୟୟରେ ପଚାରି ବୁଝନ୍ତି ।

– ହଇଓ ଆଉ କେତେଦିନ ଝିଅକୁ ରଖିବା । ଭଲ ଭଲ ପ୍ରସ୍ତାବମାନତ ଆସୁଛି ତମେ ଯାଇ ଗୋଟିଏ ମଧସ୍ଥି କୁ କହୁନ ଆମ ମନମୁତାବକ ପ୍ରସ୍ତାବ ଆଣିଦେବ ।

– କଥା ସେଠି ନାହିଁ କଥା ହେଲା ଆଲୋକ ଆଉ ଆମ ଝିଅର ସମ୍ପର୍କ ।

– ଆରେ ଦେଖ ଏଇ ବୟସରେ ଏମିତି ସମ୍ପର୍କ ହୋଇ ଉଠେ । ସେ କ'ଣ ବାସ୍ତବଜୀବନରେ କିଛି ଫଳପ୍ରଦ ହୁଏ

– କିନ୍ତୁ ଆଲୋକଟା ଅତି ସରଳ ଓ ଅମାୟିକ ପିଲାଟା, ତାର ନୀଳିମା ପ୍ରତି ଅହେତୁକ ପ୍ରେମ ରହିଛି ।

– ସେ ପ୍ରେମରୁ କ'ଣ ମିଳିବ । ସେ ଯାହା ହେଲେ ବି ସେ ଗୋଟିଏ ଗହଣା ଦୋକାନୀ ଆଉ ଆମ ଝିଅ ବ୍ୟାଙ୍କ ଅଫିସର ।

– ଯଦି ଆମେ ଝିଅକୁ ଅନ୍ୟଆଡେ ବିବାହ ଦେବା ତାର ଅବସ୍ଥା କ'ଣ ହେବ ଯେ  ?

– କିଛି ହେବନାହିଁ ଆମେ ଆମ ଝିଅର ଭବିଷ୍ୟତକୁ ଦେଖିବା ନା ତା କଥାକୁ ଦେଖିବା । ଧୀରେ ଧୀରେ ସେ ସବୁକିଛି ଭୁଲି ଯିବ । ତା' ଛଡ଼ା ତାକୁ ତା ଷ୍ଟାଣ୍ଡାର୍ଡର ଗୋଟିଏ ପାତ୍ର ଯୋଗାଡ କରିଦେଲେ ସେ ଖୁସିରେ ରହିବ । ମୁଁ ଝିଅକୁ ସବୁ ବୁଝାଇ ଦେବି । ତାକୁ ବି ଆଗରୁ ଏ ବିଷୟରେ କହି ଆଲୋଚନା କରିଛି ।

– ତା'ର ଉତ୍ତର କ'ଣ ଥିଲା ।

– ସେ ନୀରବ ଥିଲା, ମୁଁ ଭାବୁଛି ସେ ହୁଏତ ଆମେ ଯାହା ଭାବୁଛେ ସେ ଠିକ୍ ସେଇଆ ଭାବୁଥିବ । ଯାହା ହେଲେବି ସେ କ'ଣ ଦୋକାନୀ ଟାର ହାତଧରି ସମାଜରେ ଠିଆ ହେଇ ପାରିବ । ଠିକ୍ ଅଛି ତୁମେମାନେ ଯାହା ଭାବିବ ମୁଁ ସେଇଆ କରିବି ।

ଏହି ସମୟରେ ଆଲୋକ ଆସି  ପଚାରିଛି । ମାଉସୀ  ନୀଳିମା କ'ଣ ଦେଖାନାହିଁ, ଗଲା ପନ୍ଦର ଦିନ ହେଲାଣି ସେ କାହିଁକି ମୋ ଦୋକାନ ଆଡେ ଆସିନି ।

ଆଲୋକକୁ ବସିବାକୁ ନକହି ନୀଳିମାର ମା' ଉତ୍ତର ଦେଲେ ତମର କ'ଣ କାମଥିଲା କହୁନ ତାକୁ କହିଦେବି ।

– କିଛି କାମ ନଥିଲା କେତେଦିନ ହେଲା ଦେଖା ହେଇନିତ, ମନଟା ଭାରି ବ୍ୟସ୍ତ ଲାଗୁଥିଲା ଭାବିଲି ଟିକେ ବୁଲିଆସେ ।

– ତମେ କାହିଁକି ତା' କଥା ଏତେ ଭାବୁଛ, ସେ ଠିକ୍ ଅଛି । ଆମେ ତା କଥା ଭାବୁଛୁ । ତମର ଆଉ ଏତେ ଭାବିବା ଠିକ୍ କଥା ନୁହେଁ । ହଠାତ୍ ଆଲୋକ ଆଶ୍ଚର୍ଯ୍ୟ ହେଇଯାଇଛି ଆଜି ମାଉସୀଙ୍କର ଏମିତି କ'ଣ ବ୍ୟବହାର । କାହିଁ ଦୀର୍ଘ ୨୫ ବର୍ଷ ସମ୍ପର୍କରେ ସେତ କେବେବି ଏମିତି ବ୍ୟବହାର କରିନଥିଲେ । ତାଙ୍କର କ'ଣ ହେଇଛି । ଆଜି କ'ଣ ମତେ ବସିବାକୁ କହୁନାହାଁନ୍ତି କି ତାଙ୍କର ହାତ ରନ୍ଧା କ୍ଷିରି ଆଣି ଦେଉ ନାହାଁନ୍ତି ।

ଆଲୋକ ଆସି ତାଙ୍କ ଘରେ ପହଞ୍ଚିଲା ମାତ୍ରେ ନିଳୀମାର ମା ସବୁବେଳେ ଆଲୋକ ପାଇଁ କ୍ଷିରି କରିଥାନ୍ତି । ଆସିଲା ମାତ୍ରେ ତାକୁ ନିଜ ହାତରେ ଦୁଇଥର ଖୁଆଇବା ପର୍ଯ୍ୟନ୍ତ ଲାଗି ରହିଥାନ୍ତି ।

– ଦୀର୍ଘ ନିଶ୍ୱାସ ପରେ ଆଲୋକ ପଚାରିଛି ମାଉସି ଆପଣ ଭଲ ଅଛନ୍ତିତ !

– ହଁ ଆମେ ସମସ୍ତେ ଭଲରେ ଅଛୁ ।

ଏହି ସମୟରେ ନୀଳିମାର ବାପା ଉତ୍ତର ଦିଅନ୍ତି ।

– ବୁଝିଲ ଆଲୋକ ଏବେ ସମୟ ଆସିଛି ତମେ ସବୁ ନିଜ ନିଜ ଭବିଷ୍ୟତ ବିଷୟ ଚିନ୍ତା କରିବା ପାଇଁ । ନିଜ ରାସ୍ତାରେ ନିଜେ ଦୌଡ଼ିବା ଦରକାର । ଆଉ ଯଦି ଏତେ ମିଳାମିଶା କରିବ ସମୟ ନଷ୍ଟ କରିବ ତା ହେଲେ ତୁମମାନଙ୍କର ଭବିଷ୍ୟତ କ'ଣ ହେବ ?

ଆଲୋକ ନୀରବ ରହେ, କିଛି ନଭାବି ସେ ସ୍ଥାନରୁ ପ୍ରସ୍ଥାନ କରେ । କିନ୍ତୁ ବୁଝି ପାରେନା ଆଜି ଏମାନଙ୍କର ଏପରି ବ୍ୟବହାର କାହିଁକି ? ଆଲୋକର ଦୁନିଆରେ ଦୁଇଟି ସାଥୀ, ଗୋଟିଏ ତାର ପ୍ରେମିକା ନୀଳିମା ଆଉ ତା'ର ବାଲ୍ୟବନ୍ଧୁ ବିଜୟ । ଉଭୟ ପରସ୍ପର ଜଣାଶୁଣା । ବିଜୟ ପୁଣି ନୀଳିମା ବ୍ୟାଙ୍କରେ କ୍ଲର୍କ ଚାକିରୀ କରେ । ଆଲୋକ ଦୁଃଖରେ ଭାଙ୍ଗିପଡି ବିଜୟ ପାଖରେ ପହଞ୍ଚି ତା'ର ଦୁଃଖକୁ ବ୍ୟକ୍ତ କରିଛି । ଉତ୍ତରରେ ବିଜୟ କହିଛି...

– ବୁଝିଲ ବନ୍ଧୁ ବହୁତ ଦିନ ହେବ ମୁଁ ତମକୁ କେତେକଥା କହିବାକୁ ଚାହୁଁଛି । କିନ୍ତୁ ଆଜି ସମୟ ଆସିଛି ସବୁ କହିଦେବି ।

ମୁଁ ବୁଝି ପାରିଲି ନାହିଁ ଆଲୋକ । ଦେଖ୍ କିଛି ଦିନ ହେଲାଣି ନୀଳିମାର ଗତିବିଧି ମତେ ଠିକ୍ ଲାଗୁନି । ତାର ଆଦର୍ଶବାବୁଙ୍କ ସଙ୍ଗରେ ମିଳାମିଶା ସୀମା ଟପି ଯାଉଛି ।

– ସେ ଆଦର୍ଶ ବାବୁ କିଏ ?

– ସେ ଆମ ଅଫିସ୍‌ର ସହ ଅଧିକାରୀ ଅଟନ୍ତି । ସେମାନେ ବହୁଥର ବାହାରକୁ ଏକା ସଙ୍ଗରେ ଯିବା ମୁଁ ଲକ୍ଷ କରିଛି ।

– ମୁଁ ବିଶ୍ୱାସ କରି ପାରୁନାହିଁ ବିଜୟ !

– ତୁ ବିଶ୍ୱାସ ନକଲେ ମଧ ଏହା ସତ୍ୟ ।

– ତୁ ଗୋଟେ କାମ କର ତୁ ନୀଳିମାକୁ ବିଭାଘର କଥା ପଚାରି ଦେଉନୁ କାହିଁକି ?

– ଆଜି ହିଁ ଏ କଥାର ଗୋଟିଏ ସମାଧାନ କରିବି, କହି ଆଲୋକ ସେ ସ୍ଥାନ ଛାଡି ଚାଲି ଯାଇଛି । ଆଉ ନିଳୀମାର ଅଫିସ୍ ରାସ୍ତାରେ ଆସିବାକୁ ଅପେକ୍ଷା କରିଛି । ଦୂରରୁ ଲକ୍ଷକରୁଛି ନୀଳିମା ଆଉ ଜଣେ ଯୁବକ ସଙ୍ଗରେ କଥା ହେଇ ରାସ୍ତାରେ ତା ପାଖରୁ ଆସୁଛନ୍ତି ।

– ନୀଳିମା ଆଲୋକକୁ ଦେଖି ଇତସ୍ତତ ହେଇ ପଡିଛି । ପଚାରି ବୁଝିଛି ତମେ ଏଠି କ'ଣ ?

– ମୁଁ ତମକୁ ଅପେକ୍ଷା କରିଛି ।

– ଘରକୁ ଆସିଲନି ?

– ଯାଇଥିଲି କିନ୍ତୁ ତମର ଦେଖାମିଳିଲାନି ।

– ମୁଁ ଆଜି କାଲି ଭାରି ବ୍ୟସ୍ତ ରହୁଛି ତେଣୁ ଦେଖା କରିପାରୁନି ।

– ତାହା ହେଲେ ତମ ବନ୍ଧୁଙ୍କ ସଙ୍ଗରେ ପରିଚୟ କରାଅ ।

– ଆରେ ମୁଁ ଭୁଲି ଯାଇଥିଲି । ହଁ ଏ ହେଲେ ଆଦର୍ଶ । ଆମ ଅଫିସରେ ମୋ ସାଙ୍ଗରେ କାମ କରନ୍ତି ।

– ଆଲୋକ ହାତ ବଢେଇଲା ଆଦର୍ଶ ବାବୁଙ୍କୁ ହାତ ମିଳେଇବା ପାଇଁ କିନ୍ତୁ ଆଦର୍ଶ ତାକୁ ହାତଯୋଡ଼ି ପ୍ରଣାମ କଲେ । ଅଳ୍ପ ବାର୍ତ୍ତାଳାପ ପରେ ନୀଳିମା ଆଲୋକ ଦୁହେଁ ତାଙ୍କର ଘର ଆଡକୁ ଆସିଲେ ।

– ବାଟରେ ଆଲୋକ ପ୍ରଶ୍ନ କରେ ନୀଳିମା ତମେ ଟିକେ ବଦଳିଗଲାପରି ଲାଗୁଛ ।

– ନାହିଁ ତ ମୁଁ ଯେମିତି ଥିଲି ସେମିତି ଅଛି ।

– ତା ହେଲେ ମୋର ନୀଳିମାର କୌଣସି ପରିବର୍ତ୍ତନ ହୋଇନାହିଁ । ଦେଖ ଗୋଟିଏ କଥା ପଚାରିବି ।

– ପଚାର ଗୋଟିଏ କାହିଁକି ହଜାରେ କଥା ପଚାର ଆଲୋକ ।

– ଆଉ କେତେଦିନ ଆମେ ବୁଲିବା, ଚାଲ ଆମେ ସପ୍ନର ସଂସାର ଗଢ଼ିବା ପାଇଁ ଯୋଜନା କରିବା ।

–ନୀଳିମା ଟିକେ ରହିଯାଇ କହିଛି, ମତେ ଆଉ ଥରେ ଭାବିବାକୁ ଦିଅ ଆଲୋକ । ଦୀର୍ଘ ୨୫ ବର୍ଷ ସଂପର୍କ ପରେ ତମେ ଆଉ ଥରେ କ'ଣ ଭାବିବ ।

– ଏ ବିଷୟରେ ଆମେ କାଲି କଥାହେବା ଆଜି ମୁଁ ଭାରି ଟାଏର୍ଡ୍ ହେଇଗଲିଣି । କାଲି ତମ ଦୋକାନ ଆଡକୁ ଆସିବି ବସି କଥା ହେବା । ଏହାପରେ ନୀଳିମା ତରତର ହେଇ ତାର ଘରକୁ ଚାଲିଗଲା ।

ନୀଳିମା ଘରେ ଯାଇ ପହଁଚିଛି ଏ ପାଖେ ତା ମା ର ତାଗିଦ୍ ।

–ଆଲୋ ମା' ଆଜି କ'ଣ ତୋର ଏତେ ଡେରି ?

–ସେ ଆଲୋକ ବାଟରେ ଦେଖା ହେଲାତ ସେଥିପାଇଁ ଡେରି ହୋଇଗଲା ।

–ତୁ ତା ସାଙ୍ଗରେ ଏତେ କଥା କାହିଁକି ହେଉଥିଲୁ ।

– ମୁଁ ନ ଚାହିଁଲେ ମଧ ସେ ମତେ ଛାଡିନଥିଲା ।

– ସେ ପରା ଆଜି ତୁ ଅଫିସ୍ ଗଲାପରେ ତତେ ଖୋଜୁଥିଲା ।

– ମୁଁ କ'ଣ କରିପାରିବି ମା' ତୁ କହୁନୁ ମୁଁ ଆଦର୍ଶ ବାବୁଙ୍କୁ କଥା ଦେଇ ସାରିଲାଣି ।

– ହଁ ତୁ ଠିକ୍ କରିଛୁ ଆଦର୍ଶ ବାବୁ ତେ ଷ୍ଟାଣ୍ଡାର୍ଡର ତାଙ୍କ ସଙ୍ଗରେ ତୋର ବିବାହ ହେଲେ ତତେ ଭାରି ମ୍ୟାଚ କରିବ ।

– ଆଲୋକ କଥାକୁ କ'ଣ କରିବା ?

– କାଲି ରବିବାର ଅଛି ଛୁଟିଦିନ ତାକୁ ଡାକି ତା ଟଙ୍କା ତାକୁ ଫେରାଇ ଦେବା, ଆଉ ତାକୁ ସବୁ ବୁଝାଇ ଦେବା ଯଦି ନବୁଝିବ କ'ଣ କରିବା ?

– ତା ହେଲେ ତା ପାଇଁ ଗୋଟିଏ ବ୍ୟବସ୍ଥା କରିବା, କାଲି ସେ ଆସୁ ବାପା ତ ଘରେ ଥିବେ ।

ଆଲୋକ ପାଖକୁ ଖବର ପଠାଇ ନୀଳିମା ଆଉ ତାର ମା' ବାପା ଚିନ୍ତା କରୁଥାନ୍ତି ଏ କଣ୍ଟାକୁ କିପରି ବାଟରୁ ହଟେଇବେ । ତା'ପରେ ସକାଳ ଆଠଟା ଆଲୋକ ଅତି ଖୁସିରେ ନୀଳିମାର ଗୃହକୁ ପ୍ରବେଶ କରେ । ପଚାରି ବୁଝେ ତାର ମା'କୁ ନୀଳିମା କାହିଁ ? ଉତ୍ତରରେ ସେ ପାଏ ନୀଳିମା ଟଙ୍କା ଆଣି ଆସୁଛି, ଟିକେ ଅପେକ୍ଷା କର ।

– କେଉଁ ଟଙ୍କା ?

– କ'ଣ ବୁଝିପାରୁନ ? ଯେଉଁ ଟଙ୍କା ତା ଚାକିରୀ ବେଳେ ତମେ ଦେଇଥିଲ !

– ମୁଁ ସେ କଥା କେବେ କହିନାହିଁ ?

– ଏହି ସମୟରେ ନୀଳିମା ଆସେ ଟଙ୍କାତକ ଆଲୋକ ହାତକୁ ବଢ଼ାଇ ଦେଇ କୁହେ, ଦେଖ ଆଲୋକ ବହୁତ ହେଇଗଲା ତମେ ତମ ଟଙ୍କା ନେଇ ଯାଅ, ଆଉ ଏଠାକୁ ଆସ ନାହିଁ ।

– ଆଲୋକ ପ୍ରଶ୍ନକରେ ଆଉ ଆମ ବିଭାଘର କଥା ।

– ନୀଳିମାର ବାପା ପଛପଟରୁ ଆସି କୁହନ୍ତି କି ବିଭାଘର, ଆଜି ନୀଳିମା ଗୋଟିଏ ବ୍ୟାଙ୍କ ଅଫିସର ତମେ କ'ଣ ଅଟ ? ତମେ ଏ ସପ୍ନ କେଉଁ ସାହାସରେ ଦେଖୁଛ, କହି ଆଲୋକକୁ ଜୋର୍ କିନା ଭିଡ଼ି ଆଣିଥାନ୍ତି ।

– ଆଲୋକ ପ୍ରତିଶୋଧ ପରାୟଣ ହୋଇ ଚିତ୍କାର କରେ ମୁଁ ଏ ଧୋକାବାଜିର ପ୍ରତିଶୋଧ ନେବି । ଏତିକି ବେଳେ ନୀଳିମା ଏକ ଶକ୍ତ ଫୁଲଦାନିରେ ଆଲୋକର ମୁଣ୍ଡକୁ ଆଘାତ କରିଥାଏ । ସେ ଅଚେତ ଅବସ୍ଥାରେ ପଡିରହେ । ଅଚେତ୍ ପୂର୍ବରୁ ଅନୁଭବ କରେ କି ଜୀବନ ଆଜି ତା'ର ଅତି ଆପଣାର ନୀଳିମା ତା'ର ମୃତ୍ୟୁର କାରଣ ହୋଇଛି । ଆଜି ଧର୍ମଶାସ୍ତ୍ର ଭୁଲ୍ ପ୍ରମାଣ ହେଇଛି । ଯେଉଁଠି ସତ୍ୟଭାମା ଜୀବନକୁ ସାବିତ୍ରୀ ଯମ ଠାରୁ ଛଡେଇ ଆଣିଥିଲେ । ଆଜି ଏହି ନାରୀ ସାବିତ୍ରୀ ନାଁରେ ଗୋଟିଏ କଳଙ୍କ । ଅଧିକ ରକ୍ତ ଶ୍ରାବ ଯୋଗୁ ଆଲୋକର ପ୍ରାଣ ବାୟୁ ଉଡି ଯାଇଥିଲା । ନୀଳିମା ଆଉ ତାର ବାପା ମା' ତାର ଶବକୁ ଲୁଚେଇବା ପାଇଁ ସବୁ ପ୍ରକାର ଚେଷ୍ଟା କଲେ କିନ୍ତୁ ବିଫଳ ହେଲେ । ପୁଲିସ୍ ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଲା । ଖବର ପାଇ ବନ୍ଧୁ ବିଜୟ ଆସି ପହଁଚେ । ପ୍ରଶ୍ନ କରି ବସେ ନିଜକୁ ବାସ୍ତବରେ ମଣିଷ ଜୀବନରେ କ'ଣ ପ୍ରେମର କିଛି ମୂଲ୍ୟନାହିଁ । ଏ ମିଥ୍ୟା ବସ୍ତୁ ବାଦୀ ଜୀବନ ପଛରେ ଆମେ ଆଉ କେତେ ଦିନ ...

*ମହାନଦୀ ବିହାର ମହାବିଦ୍ୟାଳୟ, କଟକ*

# ବେସୁରା ରାଗିଣୀ

- ଡଃ. ନିରୋଦ କୁମାର ମନ୍ତ୍ରୀ

ରାତ୍ରିର ଯୌବନ ପ୍ରହରରେ ମତୁଆଲ ହେଉଥାଏ ସହର । ଗଳିକନ୍ଦିରୁ ଭାସି ଆସୁଥାଏ ମଦର ବାସ୍ନା । ମନେହେଉଥାଏ ଦିନ ତମାମର ସବୁକିଛି ଅବସାଦ ଏଇଠି ଅଜାଡ଼ି ଦେଇ ଚାଲିଯାନ୍ତି ସହରୀ ମଣିଷ । ଖୁସିର ହିସାବ ଖାତା ଖୋଲିଲେ ଏ ସମୟଟା ହିଁ ସବୁକିଛି । ଏମିତି ଏକ ଅଜବ ମୁହୂର୍ତ୍ତରେ ଭଙ୍ଗା ସାଇକେଲ ଖଣ୍ଡେ ପେଲିଚାଲିଛି ରଘୁ । ଆବୁଡ଼ା ଖାବୁଡ଼ା ରାସ୍ତାରେ ସାଇକେଲ ଉଠପଡ଼ ହେବା ଦ୍ୱାରା ହୁଗୁଳା ଚେନ୍‌ଟା ବାରମ୍ବାର ଖସୁଥାଏ । ବାରମ୍ବାର ଚେନ୍ ଲଗାଇ ଲଗାଇ ହାତ ଦୁଇଟା କଳା ବିଲ୍‌ବିଲ୍ ହୋଇଯାଇଥାଏ । ଦେହରୁ ଗମ୍‌ଗମ୍ ହୋଇ ବହି ଆସୁଥିବା ଝାଳ ଗଞ୍ଜି ଟପି ସାର୍ଟଟା ଓଦା ହୋଇଗଲାଣି । ବାହାରର ମଦ ବାସ୍ନାଠାରୁ ତା' ଦେହର ଗନ୍ଧ ଉତ୍କଟ ଥାଏ । ଦିନଯାକର ପରିଶ୍ରମରେ ଯାହାକିଛି ରୋଜଗାର କରିଥାଏ, ସେ ପଇସାକୁ ନେଇ ହିସାବ କରୁଥାଏ । କେଉଁଥିପାଇଁ କେତେ ଖର୍ଚ୍ଚ କରିବ ଓ ଶେଷରେ କିଛି ସଞ୍ଚୟ କରିବ କିନ୍ତୁ ଖର୍ଚ୍ଚହିସାବ ପାଖରେ ଦିନଯାକର ରୋଜଗାର ଶେଷ ହୋଇଯାଏ । ସଞ୍ଚୟ ପାଇଁ ତା' ମୁଣ୍ଡରୁ କୌଣସି ସଂଖ୍ୟା ଆସେ ନାହିଁ । ପୁଣି ଶୂନ୍ୟରୁ ଆରମ୍ଭ ହୁଏ । ଏମିତି ୩୫ଟି ବସନ୍ତର ରାତି ଶେଷ ହୋଇଯାଇଛି ସେହି ରାସ୍ତାରେ । ସେ ଦେଖେ ପ୍ରତିବର୍ଷ ରାସ୍ତା ତିଆରି ହୁଏ, କିନ୍ତୁ ବର୍ଷ ଶେଷ ବେଳକୁ ରାସ୍ତାଟା ଯାକ ଖାଲ ଢ଼ିମାରେ ଭରି ହୋଇଯାଏ । ଯେଉଁ କିଛିଦିନ ପ୍ରଥମେ ରାସ୍ତା ତିଆରି ହୁଏ, ତା ସାଇକେଲ୍‌ଟା ବେଶ୍ ଆରାମରେ ଗଡ଼ିଚାଲେ, ଚେନ୍ ଖସେ ନାହିଁ କି ତା' ହାତ ଦୁଇଟାରେ କଳା ନେସି ହୁଏ ନାହିଁ , କିନ୍ତୁ ଖାଲ ଢ଼ିମା ଆରମ୍ଭ ହେଲେ ଚେନ୍ ଖସେ, ହାତ କଳା ହୁଏ । ନିଜହାତ ଦୁଇଟା ନିଜକୁ ଘୃଣାଲାଗେ । ରାସ୍ତାର ଆରମ୍ଭ ଓ ଶେଷକୁ ନେଇ ନିଜ ଜୀବନକୁ ଦେଖେ ।

ଯେଉଁ ଦିନ ବରଯାତ୍ରୀ ଗହଣରେ ରାଜି ପିଲାପରି ସଜେଇ ହୋଇ ଅନ୍ୟ ଗାଁକୁ ବାହା ହେବା ଲାଗି ଯାଉଥିଲା, ସେଦିନ ତା' ମନଟା ଖୁବ୍ ଖୁସିଥିଲା । ସେ ଗରିବ ହେଲେ କ'ଣ ହେବ, ତା' ପ୍ରତି ସମସ୍ତଙ୍କର ନଜର ଥାଏ । କାହିଁକିନା ସେ ହେଉଛି ବର । ଗୁମ୍ ହୋଇ ବସିଥାଏ କାର ଭିତରେ । ଆଗରୁ କେବେ କାର୍‌ରେ ବସିନଥିଲା । କାର୍ ଧୋଇଛି, ପଲିସି କରିଛି, କିନ୍ତୁ ଆଜି ସେ କାର୍‌ରେ ବସିଛି । ସମସ୍ତେ ତାକୁ ଚାହିଁଛନ୍ତି । ଘୃଣାରେ ହେଉବା ଭଲପାଇବାରେ ହେଉ, କାରଯାଇ ପହଞ୍ଚିଲା ମାଧବୀ ଘରେ । ମାଧବୀ ତା'ର ପତ୍ନୀ । ଦେଖିବାକୁ ବେଶ୍ ସୁନ୍ଦର । ଗୋଲ୍‌ଗାଲ ମୁହଁ, ତା'ର କଦର୍ଯ୍ୟ କଦାକାର ରୂପଠାରୁ ମାଧବୀ ଅଧିକ ସୁନ୍ଦର । ସୁନ୍ଦରୀ ପତ୍ନୀକୁ ପାଇ ସେ ଗର୍ବ ଅନୁଭବ କରେ । ଯାହାକିଛି ରୋଜଗାର କରେ ସବୁ ଟଙ୍କା ଆଣି ମାଧବୀକୁ ଦିଏ । ସେ ହେଉଛି ଘରର ଲକ୍ଷ୍ମୀ, ମଝିରେ ମଝିରେ ଯଦି କିଛି ପାଟିତୁଣ୍ଡ ହୁଏ ସେ କେବେ ମାଧବୀକୁ ଗାଳିଦେଇନି କି ମାର୍‌ଧର କରିନି । ତା' ମତରେ ସ୍ତ୍ରୀକୁ ହାତଦେଲେ ଲକ୍ଷ୍ମୀଛାଡ଼ି ଯିବ । ସବୁବେଳେ ସ୍ନେହକରେ କିନ୍ତୁ ସ୍ନେହ ପାଏ ନାହିଁ, ତଥାପି ତା' ମନରେ ଦୁଃଖ ନଥାଏ । ଚିନ୍ତାକରେ ତା'ର କଦର୍ଯ୍ୟ ଚେହେରା ଖଣ୍ଡକ ମାଧବୀକୁ ପସନ୍ଦ ହେଉନାହିଁ । ବେଳେବେଳେ ତା' ଚେହେରାକୁ ସୁନ୍ଦର କରିବା ପାଇଁ ବିୟୁଟି ପାର୍ଲରରେ ସଜାଇ ହୋଇଛି । ହେଲେ ମାଧବୀର ଯେଉଁ ଘୃଣାକୁ ସେହି ଘୃଣା, କ'ଣ ସେ କରିବ ? ସେ କ'ଣ ନିଜେ ଏଭଳି କଦର୍ଯ୍ୟ ଚେହେରା ନିଜ ପାଇଁ ତିଆରି କରିଛି ? ତା' ବା' ମା' ତ ସୁନ୍ଦର ନଥିଲେ । ସେବା ହେବ କେମିତି ? ପତ୍ନୀର ସ୍ନେହଟିକକ ପାଇଁ ବହୁତ ଚେଷ୍ଟା କରିଛି କିନ୍ତୁ ପାଏ ନାହିଁ । ସେ ଅନୁଭବ କରେ ମାଧବୀ ତା'ଠାରୁ ଅଧିକ ଭଲପାଏ ନିଜ ବନ୍ଧୁ ହରିଶ୍‌କୁ ।

ହରିଶ୍ ଦେଖିବାକୁ ସୁନ୍ଦର । ହରିଶ୍ ସହ ମାଧବୀର ଯେଉଁ ଅନ୍ତରଙ୍ଗ ମିଳାମିଶା, ସେ କେବେ ନିଜ ପାଖରେ ଦେଖିନି । ସେ କେବଳ ତୁଠପଥର ହୋଇ ପଡ଼ିରହିଥାଏ । ତା' ଉପରେ ସମସ୍ତେ ପାଦଘଷି ଚିକ୍‌କଣ ହୋଇ ଚାଲିଯାଇଥାନ୍ତି, ଏ ସମୟରେ ସାଇକେଲ୍‌ଟା

ବଡ଼ଖାଲରେ ପଡିଯିବାରୁ ଚେନ୍‌ଟା ଖସିଗଲା । ତଳକୁ ଓହ୍ଲାଇ ପଡ଼ି ଚେନ୍‌ଟିକୁ ତରତର ହୋଇ ଦେଇଦେଲା । ଘଣ୍ଟା ଦେଖିବା ବେଳକୁ ରାତି ୧୨ଟା ୩୦ମିନିଟ୍ । ସାଇକେଲ୍‌ର ପେଡାଲକୁ ଜୋର୍‌ରେ ଚଳାଇ ତା'ଘର ପାଖରେ ପହଞ୍ଚିଗଲା । ଘରକବାଟ ଠକ୍ ଠକ୍ କରିବାରୁ ବୁଢ଼ୀ ମା'ଟା ଉଠିଆସି କବାଟ ଖୋଲି ଦେଲା । କାହିଁକି ନା ରଘୁ ତା'ର ଗୋଟିଏ ବୋଲି ପୁଅ । କେତେ ଦିଅଁ ଦେବତା କରି ପାଇଥିଲା । ପୁଅ ଏତେ ରାତି ହେଲାଣି ଘରକୁ ଆସି ନାହିଁ, ମା' ଶୋଇବ କିପରି । ସେମିତି ସବୁଦିନ ପୁଅର ଅସିବା ବାଟକୁ ବୁଢ଼ୀ ମା' ଚାହିଁ ବସିଥାଏ, କିନ୍ତୁ ମାଧବୀ ଶୋଇ ଘୁଙ୍ଗୁଡ଼ି ମାରୁଥାଏ । ଏଇତ ସ୍ତ୍ରୀ ଆଉ ମା' ଭିତରେ ଫରକ ।

ଦି'ଗୁଣ୍ଡା ଖାଇଦେଇ ଶୋଇବାକୁ ଯାଏ ରଘୁ । ଛୋଟ ପୁଅ ନରେଶ୍‌କୁ ଦେଖି ଘଡ଼ିଏ ଚାହିଁ ରହେ । ତା ମନକୁ ଅନେକ ଇଆଡୁ ସିଆଡୁ ପ୍ରଶ୍ନ ଆସେ । ନରେଶ୍ ଦେଖିବାକୁ ବେଶ୍ ସୁନ୍ଦର । ଡଉଲ ଡାଉଲ, ଠିକ୍ ନିଜର ବନ୍ଧୁପରି । ଏକଥା ଭାବିଲା ବେଳକୁ ନିଜେ ମନକୁ ମନ କୁହେ -

— ଏ ସବୁ ଭାବିବା ବି ପାପ ।

ତା'ପରେ ଶୋଇଯାଏ । ଦିନ ଯାକର ପରିଶ୍ରମ ତା'କୁ ଗୋଟିଏ କଡ଼ମାଡ଼ି ଶୁଆଇ ଦିଏ ଯେ, ଆରକଡ଼ ଲେଉଟିଲା ବେଳକୁ ସକାଳ । ପୁଣି ଅଫିସ୍ ଚିନ୍ତା । ନସରପସର ହୋଇ ଗାଧୋଇପଡ଼ି ପଖାଳ ଗଣ୍ଡେ ଖାଇଦେଇ ସଅଳ ସଅଳ ବାହାରିପଡେ ଅଫିସ୍‌କୁ । ରାସ୍ତାରେ ସାଇକେଲ୍ ଚେନ୍ ଖସୁଥାଏ । ଓହ୍ଲାଇ ଚେନ୍ ଦେବା ଭିତରେ ହାତ କଳା ହୁଏ, କଳା ହାତ ଦେଖି ମାଲିକ ବିଗିଡେ ।

ଅଫିସ୍‌ର ସବୁକାମ ରଘୁ ଉପରେ । କାଗଜପତ୍ର କାମନୁହେଁ ଯେ, ଦି ତିନିପଦ ଲେଖିଦେଇ ଆରାମ କରିବ । ତା'ର କାମ ହେଉଛି ଦୋକାନକୁ ଆସିଥିବା ବେପାରୀ ମାନଙ୍କ ଗାଡ଼ିରେ ବସ୍ତା ବସ୍ତା ମାଲ୍ ଲଦିବା । ଚିଠାକରି ମାଲିକକୁ ହିସାବ ଦେବା । ବେଳେବେଳେ ହିସାବ କିତାବ ଭୁଲ୍ ହୋଇଯାଏ ଯେ ମାଲିକ ଠାରୁ ଗାଳି ଶୁଣିବାକୁ ମିଳିଥାଏ । ସବୁଦିନ ଗାଳି ଶୁଣି ଶୁଣି ଆଜିକାଲି ତାକୁ ଆଉ ବାଧୁନାହିଁ । ମାଲିକ ଗାଳି ଶୁଣି ଶୁଣି କାମ କରିବା ଭଲ ଚାକରର ଲକ୍ଷଣ । ଉତ୍ତର ଦେଲେ ଚାକିରୀରୁ ବିଦା, ଏମିତି ଦିନେ ତା'ର ସାଙ୍ଗ ମାଲିକକୁ କହିଲା -

— ମୋ ମା', ଭଉଣୀ ଆପଣଙ୍କର କ'ଣ କଲେ ? ମୋତେ ଗାଳି ଦିଅନ୍ତୁ ହେଲେ ମୋ ମା' ଭଉଣୀକୁ ଗାଳି ଦିଅନ୍ତୁ ନାହିଁ ।

ଏଇପଦକ କଥରେ କ'ଣ ବୋଧେ ଭୁଲ୍ ରହିଗଲା, ସଙ୍ଗେ ସଙ୍ଗେ ଚାକିରୀରୁ ବିଦା । ସେ ଏବେ ରିକ୍ସା ଟାଣୁଛି, ଏ କଥା ଚିନ୍ତା କରି ରଘୁ କିଛି କୁହେନାହିଁ । କାମ କରି ଚାଲେ, ମାଲିକ ଗାଳିକୁ ସମୁଦ୍ର ଲହଡ଼ି ମୁଣ୍ଡପାତି ସହିନେବା ପରି ସହିଯାଏ । ଏ ସମସ୍ତ କାର୍ଯ୍ୟଭାର ତା'ମନକୁ ଯେତେ କଷ୍ଟ ଦିଏ ନାହିଁ, ତା ଠୁ ଅଧିକ କଷ୍ଟ ଦିଏ ମାଧବୀର ତା'ପ୍ରତି ଘୃଣାକୁ, ପ୍ରତିଦିନ ମାଧବୀକୁ ନିଜର କରିବା ପାଇଁ ଚେଷ୍ଟା କରିଛି, କିନ୍ତୁ ମାଧବୀ ତାକୁ ଆଉ ଆଖିରେ ଦେଖେ ନାହିଁ । ବିଚରା ନିଜ ମନର ସମସ୍ତ କୋହକୁ ଚାପିରଖେ । ରୂପଟା ସିନା କଦର୍ଯ୍ୟ ମନଟା କ'ଣ କଦର୍ଯ୍ୟ । ସେ ବହୁଥର ଭାବେ ଭଗବାନ ଯଦି ରୂପ ସହିତ ମନଟାକୁ ସମାନ ଭାବେ ଗଢ଼ିଥାନ୍ତେ, ତାହାହେଲେ ତାକୁ ଦୁଃଖ ଲାଗନ୍ତାନି, କିନ୍ତୁ ବାହାର ରୂପଟା ସବୁକିଛି ସହିଗଲା ବେଳେ ଭିତର ମନଟା ଛଟପଟ ହୁଏ । ଯଦି କେବେ ସେହ୍ନବୋଳା କଣ୍ଠରେ ମାଧବୀ ବୋଲି ପଦେ ଡାକିଦିଏ, ମାଧବୀ ହଠାତ୍ ବାଘୁଣୀ ପରି ଚିତ୍କାର କରି କୁହେ -

— କାହିଁକି ଏମିତି ଚିଲଉଛ ମ ! ଟିକେ ଶାନ୍ତିରେ ରହିବାକୁ ଦେଉନ ।

ମାଧବୀର ଏଇପଦ କଥାକୁ ହୃଦୟରେ ଚାପିଧରି ନିଜ କର୍ମ ଜଞ୍ଜାଳକୁ ଚାଲିଯାଏ । ବାଟସାରା ସାଇକେଲ୍ ଚେନ୍ ଖସୁଥାଏ । ଯେତେଥର ଟିଆରି କଲେ ବି ଚେନ୍ କ୍ରାଙ୍କ୍‌ରେ ଚେନ୍‌ଟା ରହିବାକୁ ଚାହୁଁ ନଥିଲା । ତା' ହାତ ସାରା ସେମିତି କଳା ନେସି ହୋଇଯାଏ । କିଛି ବାଟ ଠିକ୍‌ରେ ଯାଏ ପୁଣି ଖସିଯାଏ ।

ଓଡ଼ିଆ ଅଧ୍ୟାପକ, ସିଡିଏ., କଟକ

❑ ❑ ❑

# ନିର୍ଦ୍ଦୟ

- ଡଃ. ନିରୋଦ କୁମାର ମନ୍ତ୍ରୀ

କାନ ଅତରା ପଡ଼ିଯାଉଥାଏ ଛେଳି ଛୁଆଟିର ମେଁ ମେଁ ରଡିରେ । ବନ୍ଧାଯାଇଥିବା ଖୁଣ୍ଟି ମୂଳେ ପଡ଼ିଥାଏ ଘାସ, କିନ୍ତୁ ରଡ଼ି ଚାଲିଥାଏ ଘାସ ନଖାଇ । ଏ ସମସ୍ତ ଦେଖି ବ୍ୟସ୍ତହୋଇପଡନ୍ତି ନରେନ୍‌ର ବାପା, ମା' । କିଛି ଅସୁବିଧା ହୋଇଥିବା ଭାବି ନଜର ପକାଇଲେ ଗୁହାଳର ଚାରିଆଡ । କାରଣ ବେଳେବେଳେ ସାପ କି ବିଷାକ୍ତ ଜନ୍ତୁ ଦେଖିଲେ ରଡ଼ି କରେ, କିନ୍ତୁ ଦେଖିଲେ କିଛିନାହିଁ । ଚାରିଆଡ ସଫାସୁତରା, ଘାସଭିତରେ କିଛିଥିବା ଭାବି ଲୋଉଟ ପାଉଟ କଲେ କିଛି ନଥାଏ । ତା'ପରେ ଛେଳିକୁ ସ୍ନେହବୋଳା କଣ୍ଠରେ କହିଲେ ପାଟି ବନ୍ଦ କରିବାକୁ । ଛେଳି ରଡି କରୁଥାଏ ଭାରି ଜିଦ୍‌ଧରି । ଯେପରି ଖେଳଣା ନପାଇଲେ ଛୋଟପିଲା । ଉଭୟଙ୍କ ପ୍ରଚେଷ୍ଟା ହାରମାନିଲା ରଡ଼ି ନିକଟରେ । ଏହି ସମୟରେ ନରେନ୍ ଆସିଲା ସ୍କୁଲ୍‌ରୁ । ନରେନ୍‌କୁ ଦେଖି ହଠାତ୍ ବନ୍ଦ ହୋଇଗଲା ଛେଳିଟିର ରଡ଼ି । ନରେନ୍ ଓ ଛେଳିଛୁଆ କିଛି ସମୟ ପାଇଁ ଗେଲ କରିଚାଲିଲେ ଦୁହେଁ ଦୁହିଁଙ୍କୁ । ଛେଳି ଛୁଆଟି ଢାଇ ଢାଇ କରୁଥାଏ ତା'ର କଅଁଳିଆ ମୁଣ୍ଡରେ ନରେନ୍‌କୁ । ବାରିହେଉଥାଏ ଉଭୟଙ୍କ ଅସୀମ ଖୁସି । ଏହା ତାଙ୍କର ନିତିଦିନିଆ । ମଣିଷଛୁଆ ଓ ଛେଳିଛୁଆ ମଧ୍ୟରେ ନଥାଏ ଫରକ୍ । ଥାଏ କେବଳ ଶରୀର । ନଚେତ୍ ଗୋଟିଏ ସୂତ୍ରରେ ବନ୍ଧା ତାଙ୍କର ମନ ଓ ଭାବନା । ଏ ସମସ୍ତ ଦେଖି ଖୁସି ହେଉଥାନ୍ତି । ବାପା ଓ ମା, ମା' ଛେଳିଟି ମରିଯାଇଥିଲା ଛେଳିଛୁଆଟିକୁ ଜନ୍ମଦେଇ । ଜନ୍ମ ସମୟର ଲାଳ ଲଟପଟ ଦେହକୁ ପୋଛିନେଇ ମା'ର ସ୍ନେହ ଦେଇଆସିଛି ନରେନ୍‌ର ମା' । କ୍ଷୀରବୋତଲରେ କ୍ଷୀରଦେଇ କର୍ତ୍ତବ୍ୟ କରିଛି ଜନ୍ମକଲା ମା'ର । କିଛି ଫରକ୍ ଦେଖିନି ନିଜଛୁଆ ଓ ଛେଳିଛୁଆ ମଧ୍ୟରେ । ସମୟ ସହ ତାଳଦେଇ ବଢ଼ି ଆସିଛନ୍ତି ନରେନ୍ ଓ ଛେଳିଛୁଆ । କଥା କହି ଆସିଛନ୍ତି ଖନେଇ ଖନେଇ । କେବଳ ଏତକି ତଫାତ୍ ନରେନ୍‌ର ବିଭିନ୍ନ ସର କିନ୍ତୁ ଛେଳି ଛୁଆଟିର ଗୋଟିଏ ସର, ତଥାପି କିଛି ଭୁଲ୍ ନଥାଏ ଭାବ ଦିଆନିଆରେ ।

ନରେନ୍ ଯେତେବେଳେ ବହି ବସ୍ତାନି ଧରି ସ୍କୁଲ୍‌କୁ ଯାଏ ସେତେବେଳେ ଛେଳି ଛୁଆଟି ତା' ଉପରେ ରାଗେ । ଗୁହାଳକୁ ଚାଲିଯାଏ ଅଭିମାନ କରି । ଯେତେ ଡାକିଲେ ବି ଆସେ ନାହିଁ । ଗୁହାଳର ଗୋଟିଏ କୋଣରେ ମୁହଁକୁ ପଛକରି ଠିଆ ହୁଏ । ନରେନ୍‌ର ବାପା, ମା' ନରେନ୍‌କୁ ସ୍କୁଲକୁ ନେଇଗଲା ବେଳେ କିଛି ସମୟ ଚାହିଁରହେ ଗୁହାଳ ଫାଙ୍କରେ । ତାପରେ ଶୋଇଯାଏ କିଛି ଖାଇ । ନରେନ୍‌ର ଆସିବା ସମୟ ଚାରିଟାରୁ ଟିକେ ଡେରିହୋଇଗଲେ ରଡ଼ି କରେ ଛେଳିଛୁଆଟି । ଘରେ ସମସ୍ତେ ବ୍ୟସ୍ତ ହୋଇପଡ଼ନ୍ତି କିନ୍ତୁ ନରେନ୍ ଆସିଗଲେ ସବୁ ଠିକ୍ ଠାକ୍ । ଉଭୟ ଏକାଠି ହୋଇଗଲେ ବାରିହୋଇଯାଏ ହସ ହସ ମୁହଁ । ନରେନ୍ ମଣିଷ ଛୁଆ ହେଲେ ମଧ୍ୟ ତା'ର ଅନ୍ତରଙ୍ଗ ବନ୍ଧୁ ଏ ଛେଳିଛୁଆ । ସାହିର ଅନ୍ୟ ପିଲାମାନଙ୍କ ସହିତ ମିଶେ ନାହିଁ । ସ୍କୁଲରେ ଯାହା କିଛି ପଢ଼ାଯାଇଥାଏ, ନରେନ୍ ସାର୍‌ଙ୍କ ଭଳି ଖଣ୍ଡେ ଛାଟ ଧରି ପାଠ ଶିଖାଏ ଛେଳି ଛୁଆଟିକୁ । ଛେଳି ଛୁଆଟି ମଧ୍ୟ ଶ୍ରେଣୀରେ ଛାତ୍ରପରି ମୁଣ୍ଡ ଟୁଙ୍ଗାରେ । ପଢ଼ାଶେଷେ ହୋଇଗଲେ ଆଗଗୋଡ଼ ଦୁଇଟିକୁ ଟେକି ନମସ୍କାର କରେ ନରେନ୍‌କୁ । ଏ ସମସ୍ତ ଦେଖି ଖୁସିହୋଇପଡ଼ନ୍ତି ବାପା, ମା' । ମନେ ମନେ ଚିନ୍ତା କରନ୍ତି ଏମାନଙ୍କ ମଧ୍ୟରେ କେତେ ଅନାବିଳ ସମ୍ପର୍କ । ଉଭୟ ଉଭୟଙ୍କ ଠାରୁ ଟିକିଏ ସମୟ ଅଲଗା ହୋଇଗଲେ ବ୍ୟସ୍ତ ହୋଇପଡ଼ନ୍ତି ।

ମଣିଷଛୁଆର ବୟସ ବଢ଼ିଲେ ତା ଉପରେ କେହି ନଜର ଦିଅନ୍ତି ନାହିଁ କିନ୍ତୁ ଛେଳି ଛୁଆ ଉପରେ ସମସ୍ତଙ୍କ ନଜର । ଦୁଇ ଦୁଇଥର ମୂଲ କଲାଣି କଂସେଇ । ନରେନ୍ ସ୍କୁଲ୍‌କୁ ଯିବାପରେ ହୁଏ ମୂଲଚାଲ । କଂସେଇକୁ ଦେଖି ଖୁସିହୁଏ ଛେଳିଛୁଆ । ସେ ଭାବେ ସାର୍ ହେଉଛନ୍ତି କଂସେଇ । ନରେନ୍ ପରି ସେ ମଧ୍ୟ ପାଠପଢ଼ିବ । ତେଣୁ ଭକ୍ତି ସହକାରେ ଚାହେଁ କଂସେଇକୁ । ନମସ୍କାର ଜଣାଏ ଆଗଦୁଇ ଗୋଡଟେକି । ଏହା ଦେଖି ମନେ ମନେ ଖୁସି ହୁଏ କଂସେଇ, ଛେଳି ଦେହରେ ହାତ ବୁଲାଇ ଆଣି ମନେ

ମନେ ଚିନ୍ତାକରେ ଭଲ ମାଂସ ବାହାରିବ । ଭାରି ଛନଛନିଆ ହୋଇଛି । ଯାହା ପଇସା ପଡୁପଡେ, ଏଟାକୁ ନେଲେ ଖୁସିହେବେ ଗରାଖ ।

ଶେଷ ହେଲା ମୂଲଚାଲ । କଂସେଇକୁ ମିଳିଗଲା ତା' ମନଲାଖି ଛେଳି, କିନ୍ତୁ ବାନ୍ଧି ନେବାକୁ ଯେତେବେଳେ ଚେଷ୍ଟା କଲା କଂସେଇ, ସେତେବେଳେ ଅମଙ୍ଗ ହେଲା ଛେଳିଟି । ବାହାରୁନଥାଏ ଗୁହାଳରୁ, ନରେନ୍‌ର ବାପା, ମା' ଆଉଁସୁ ଥାନ୍ତି ବୁଝାଇବା ଢ଼ଙ୍ଗରେ, ଛେଳି ଛୁଆଟି ଚିନ୍ତାକଲା -

– ନରେନ୍ ପ୍ରଥମେ ପଢ଼ିବାକୁ ଯିବା ସମୟରେ ଏମିତି ଅମଙ୍ଗ ହେଉଥିଲା, ପରେ ଭଲ ପଡ଼ିଲା । ତେଣୁ ମୁଁ ଟିକେ ଅମଙ୍ଗ ନହେଲେ ଚଳିବ ।

କିଛି ସମୟପରେ କଂସେଇର ପଛେ ପଛେ ଚାଲିଲା ଛେଳି । ମନରେ ତା'ର ଅସରନ୍ତି ଖୁସି । ଗାଁ ଭିତରେ ଗଲାବେଳେ ଚାରିଆଡକୁ ଚାହିଁ ମେ ମେ ରଡ଼ିରେ ସମସ୍ତଙ୍କୁ ଜଣାଇ ଦେଉଥାଏ -

– ମୁଁ ପଢ଼ିବାକୁ ଯାଉଛି ।

କଂସେଇ ନେଇ ବାନ୍ଧିଲା ନିଜ ଗୁହାଳରେ । ପୂର୍ବରୁ ଆଠ ଦଶଟି ଛେଳି ବନ୍ଧା ହୋଇଥାନ୍ତି ଗୁହାଳରେ । ନିଜ ଜାତି ଭାଇଙ୍କୁ ଦେଖି ଖୁସି ହୋଇଗଲା ଛେଳି ଛୁଆଟି । ମନେ ମନେ ଚିନ୍ତା କରୁଥାଏ - ନରେନ୍ ଯେଭଳି ତାଙ୍କ ଶ୍ରେଣୀରେ ଫାଷ୍ଟ ହୁଏ, ମୁଁ ମଧ ଏଠି ହେବି ଫାଷ୍ଟ , କିନ୍ତୁ ସେଠି ଥିବା ଛେଳିମାନଙ୍କର ମନରେ ଖୁସି ନଥାଏ । ସମସ୍ତେ କାନ୍ଦୁଥାନ୍ତି ଏମାନଙ୍କୁ ଦେଖି ବ୍ୟସ୍ତ ହୋଇ ପଡିଲା ଛେଳିଛୁଆଟି । ମନଦୁଃଖର କାରଣ ପଚାରିବାରୁ, ଅନ୍ୟ ଏକ ଛେଳି ଉତ୍ତର ଦେଲା -

– କ'ଣ ଆଉ ଖୁସି ଲାଗନ୍ତା, ଆଉଟିକେ ପରେ ଆମକୁ ମାରି ତା' ଗରାଖକୁ ମାଂସ ବିକ୍ରି କରିବ କଂସେଇ । ମରଣକୁ କାହାର ଭୟ ନଥାଏ ।

ଏକଥା ଶୁଣି ପୂର୍ବର ଖୁସି ମଉଳିଗଲ ଛେଳିଟିର । ପାଠପଢ଼ା, କ୍ଲାସରେ ଫାଷ୍ଟହେବା ତା' ପାଇଁ ହୋଇଗଲା ପାଣିର ଗାର । ରଡ଼ିକଲା ଜୋର୍‌ରେ । ରଡ଼ିଶୁଣି ଛେଳିଟିର ମୁହଁକୁ କପଡାରେ ବାନ୍ଧିଦେଲା କଂସେଇ । ଛେଳିଟି କପଡାର ଚାପରେ ହୋଇଯାଉଥାଏ ଅଣନିଃଶ୍ୱାସୀ । କିଛି ସମୟରେ ଗରାଖମାନଙ୍କର ମାଂସ ପାଇଁ ପାଳିପଡିଲା ଛେଳିଟିର । ଜୋର୍ ଜବରଦସ୍ତ ଟୋକେଇରେ ବାନ୍ଧି ଦୋକାନକୁ ନେଇଗଲା କଂସେଇ ।

ନରେନ୍ ପଢୁଥିବା ସ୍କୁଲ ପାଖରେ ଥାଏ କଂସେଇର ଦୋକାନ । ସ୍କୁଲ୍ ଛୁଟିହେବାରୁ ଖୁସିରେ ଡେଇଁ ଡେଇଁ ନରେନ୍ ବାହାରୁଥାଏ ସ୍କୁଲ ହତାରୁ । ଛେଳିଟିର ନଜର ପଡ଼ିଲା ନରେନ୍ ଉପରେ, ଜୋର୍‌ରେ ରଡିକରି ଚାଲିଲା ନିଜ ବନ୍ଧୁକୁ ଦେଖି, କିନ୍ତୁ ଟାଇଟ୍ ହୋଇ ବନ୍ଧାଯାଇଥିବା କପଡା ମଧ୍ୟରେ ରହିଗଲା ରଡ଼ି । ନରେନ୍ ଚାଲିଗଲା ଘରକୁ । କଂସେଇ ଦ୍ୱାରା ମାଂସ ତିଆରି ହୋଇଗଲା ଛେଳିଟି । ଛେଳିର ମାଂସକୁ ଖୁସିରେ ନେଉଥାନ୍ତି ଗରାଖ । ଏପାଖେ ଛେଳି ନଥିବାରୁ ନରେନ୍ ଖୋଜି ଚାଲିଲା ଚାରିଆଡ଼ । ବାପା, ମା' ଯେତେ ବୁଝାଇଲେବି ଅବୁଝା ହୁଏ ନରେନ୍ । ଛେଳି ବିଷୟରେ ପଚାରିବାରୁ ବାପା, ମା' ନୀରବରେ କହିଲେ -

– ବିକ୍ରି ହୋଇଯାଇଛି, କଂସେଇକୁ ।

ଏହାଶୁଣି ନରେନ୍ ଏକା ନିଃଶ୍ୱାସକେ ଦଉଡ଼ି ଚାଲିଲା କଂସେଇ ଦେକାନକୁ । ଯିବା ବାଟରେ ଲୋକମାନେ ସାଇକେଲ୍ ଓ ଗାଡ଼ିରେ ନେଇ ଆସୁଥାନ୍ତି ମାଂସ । ଖୁସିରେ କଥା ହେଉଥାନ୍ତି -

– ଆଜି ମାଂସଟା ପିଓର ଖାସିର । ଏତେ ଦିନପରେ ମାଂସର ଟିକେ ବାସ୍ନା ଅଛି ।

ଲୋକମାନଙ୍କର କଥାଶୁଣି ନରେନ୍ ଅଧିକ ଭୟଭୀତ ହେଉଥାଏ । କଂସେଇ ଦୋକାନ ପାଖରେ ପହଞ୍ଚି ଛେଳି ବିଷୟରେ ପଚାରିବାରୁ, ମୁଣ୍ଡ, ଚମଡ଼ା ଓ ପୁଟାକୁ ବାନ୍ଧିରଖିଥିବା ଏକ ପାଲ ପୁଟୁଳିକୁ ଦେଖାଇ ଦେଲା କଂସେଇ । ନିଜ ବନ୍ଧୁର କଟାମୁଣ୍ଡ ଦେଖି ରାହାଧରି କାନ୍ଦି ଚାଲିଲା ନରେନ୍ । ଛେଳିଟିର ଆଖି ଦୁଇଟିରୁ ଜଣାଯାଉଥାଏ, ସତେଯେପରି ସେ ନରେନ୍‌କୁ ଚାହିଁଛି । ନରେନ୍ ପାଗଳପରି କଟାମୁଣ୍ଡ ସହ ଗପିଚାଲିଥାଏ । ମାଂସପାଇଁ ଜମିଥିବା ଲୋକମାନେ ଉଭୟ ବନ୍ଧୁଙ୍କର ବନ୍ଧୁତ୍ୱ ଦେଖି କଥା ହେଉଥାନ୍ତି -

– ଆହା ! କେଡେ ନିର୍ଦ୍ଦୟ ପିଲାଟାର ବାପା, ମା'; ପଇସା କେଇଟାପାଇଁ ଛେଳିଟିକୁ ବିକ୍ରି କରିଦେଲେ ।

ଓଡ଼ିଆ ଅଧ୍ୟାପକ

# ନିଆରା ମଣିଷର ଅନ୍ତଃସ୍ୱର

ସଂଯୁକ୍ତା ମହାନ୍ତି

ପରିବା ବ୍ୟାଗ୍‌ଟା ହାତରେ ଝୁଲାଇ ମୁହଁରୁ ବୋହି ଆସୁଥିବା ଝାଳ ବିନ୍ଦୁକୁ ନିଜର ପଣତକାନିରେ ପୋଛି ପୋଛି ଚାଲିଥାଏ ବସୁଧା । ଲୁଗାଟା ବହୁ ଦିନ ହେଲା ସଫା ହୋଇ ନଥାଏ । ଦିଆସିଲି ମାରିଲେ ପୋଡ଼ିବା ଅସମ୍ଭବ ମନେହୁଏ । ତାଳିପକା କଣ୍ଟ୍ରୋଲ ଲୁଗାଟା ହିଁ ନିଜ ଇଜ୍ଜତ ଲୁଚାଇବାର ସହାୟ । ସେଇ ଲୁଗାଖଣ୍ଡକ ଧୋଇ ଶୁଖାଇ ପିନ୍ଧି ଆସିଲାଣି ଦୁଇବର୍ଷ ହେଲା । କେତେ ଯାନିଯାତ୍ରା, ପର୍ବପର୍ବାଣି ଦେଖି ଆସିଛି ଲୁଗାଖଣ୍ଡକ । ହଠାତ୍ ପରିବାର ଓଜନ ସହି ପାରିଲାନି ବ୍ୟାଗ୍‌ଟି । ବ୍ୟାଗର ବଧି ଛଡ଼ିଯିବାରୁ ପରିବାତକ ତଳେ ପଡ଼ିଗଲା । ପରିବାଗୁଡ଼ିକୁ ବାଲିରୁ ଗୋଟାଇ ଆଣି ନିଜପଣତକାନିରେ ପୋଛି ବ୍ୟାଗରେ ରଖୁଥାଏ ବସୁଧା । ସେଇ କାନିଖଣ୍ଡକ ବି ଆପେ ଆପେ ମୁହଁ ପୋଛାରେ ଲାଗିଯାଏ । ଖରାଦିନ, ସହରୀ ଜାଗା । ଗାଡ଼ିମଟରର ପେଁ ପାଁ ରଡ଼ି ତାକୁ ବ୍ୟସ୍ତ କରି ପକାଉଥାଏ । ଡେରି ହୋଇଗଲାଣି, ଗଲେ ରୋଷେଇ କଲେ ବାବୁ, ବାବୁଆଣୀ ଏବଂ ପିଲାମାନେ ଖାଇ ନିଜ କାର୍ଯ୍ୟରେ ଯିବେ । ଯିବା ସମୟରେ ନିଜର ଶରୀର ପ୍ରତି ଦୟା ନଥାଏ । ଯିବା ସମୟରେ ଝୁଣ୍ଟି ପଡ଼ ଗୋଡ଼ର ବୁଢ଼ା ଆଙ୍ଗୁଠିଟା ଛିଣ୍ଡିଯାଇ ରକ୍ତ ବୋହି ଚାଲିଛି , ଏହା ପ୍ରତି ଦୃଷ୍ଟି ନଥଏ । ତାର ଲକ୍ଷ୍ୟ ଘରେ ପହଞ୍ଚି ରୋଷେଇ କାମ କିଭଳି ଶୀଘ୍ର ଶେଷ କରିବ । ତା'ରି ବୟସର ପିଲାମାନେ ସକାଳୁ ସକାଳୁ ମର୍ଣ୍ଣିଂ ଓ୍ୱାକ୍ କରୁଥାଆନ୍ତି । ପ୍ରତ୍ୟେକଙ୍କ ମୁହଁରେ ହସର ଝଲକ । ପାଦରେ ଜୋତା ଓ ବିଭିନ୍ନ ରଙ୍ଗର ପୋଷାକରେ ଶରୀର ବେଶ୍ ସୁନ୍ଦର ଦେଖାଯାଉଥାଏ । ଏହି ଝିଅମାନଙ୍କୁ ଦେଖି ବସୁଧା ନିଜ ଆଡ଼କୁ ଦୃଷ୍ଟିଫେରାଏ । ନିଜକୁ ଘୃଣା ଦୃଷ୍ଟିରେ ଦେଖି ଆଗକୁ ଚାଲିଯାଏ । ବୟସ ଅଠର ହେବ । ଯେଉଁ ବୟସରେ ପରୀରାଇଜର ସପ୍ନ ଦେଖି ଯୁବକ ଯୁବତୀମାନେ ବେଶ୍ ଫୁର୍ତ୍ତି କରିଥାଆନ୍ତି କିନ୍ତୁ ସେ ଗଣ୍ଡେ ଖାଇ ଖଣ୍ଡେ ପିନ୍ଧିବାର ସପ୍ନରେ ସର୍ବଦା କର୍ମତତ୍ପର । ଦେଖିବାକୁ ଗୋରା ଚେହେରା, ଗୋଲଗାଲ୍ ମୁହଁ କିନ୍ତୁ ନିଜର ଭାଗ୍ୟ ଆଢୁଆଳରେ ଅମାବାସ୍ୟାର ଚନ୍ଦ୍ରପରି କଦର୍ଯ୍ୟ ଓ କଦାକାର ।

ଘରେ ପହଞ୍ଚି ଦେଖେ ବାବୁ, ବାବୁଆଣୀ ଉଠିଗଲେଣି, ସମସ୍ତଙ୍କର ଡାକରା ପଡ଼ିଥାଏ । କିଏ ଚା' ଆଣିବା ପାଇଁ, କିଏ ପାଣି ଗରମ କରିବା ପାଇଁ, ପୁଣି କିଏ ପ୍ୟାଣ୍ଟ ।ସାର୍ଟ ଆଇରନ ଦେବାପାଇଁ । ଏମିତି ସମସ୍ତଙ୍କର ଅର୍ଡର ଶୁଣି ସେ ଗୋଟିଏ ପରେ ଗୋଟିଏ କାମ କରିବସେ । ଯେତେଶୀଘ୍ର କାମ କଲେ ବି ଗାଳି ଶୁଣିବା ସୁନିଶ୍ଚିତ । ଗାଳିଗୁଡାକ ତା'ର ଏମିତି ଦେହସୁହା ହୋଇଗଲାଣି ଯେ ସେଗୁଡ଼ିକୁ ଚନ୍ଦନ ଭଳି ଦେହରେ ଲେପି ଚାଲିଥାଏ ସବୁଦିନ । ତା'ପରେ ସେ କ'ଣ ପାଠ ପଢୁଆ ଝିଅ ଯେ ମେମ୍‌ସାହେବଙ୍କ ଇଂରାଜୀ ଗାଳି ବୁଝିପାରିବ । କଅଁଳିଆ ଦେହ ହୋଇଥିଲେ ସିନା ଗାଳିତକ ଦେହରେ ଫୋଡ଼ି ହୋଇଯାଆନ୍ତା ; ତା'ଚମଡ଼ାତ ଗୋଧିଛାଲ ହୋଇଗଲାଣି ।

ହଠାତ୍ ସାହେବଙ୍କ ଝିଅ ତାକୁ ଧକ୍କା ଟିଏ ଦେବାର ଅନୁଭବ କଲା । ବୟସରେ ତା'ଠାରୁ ଢେର୍ କମ୍ । ପାଠପଢ଼େ ଷ୍ଟାଣ୍ଡାର୍ଡ ଫୋର୍‌ରେ । ଡ୍ରେସର ଭାଙ୍ଗଟା ଠିକ୍‌ସେ ପଡ଼ି ନାହିଁ ବୋଲି ତା'ର ପ୍ରତିବାଦ ଧକ୍କା । ସେ ବିଚରା ସବୁକିଛି ସହିଯାଏ । ମନେ ମନେ ଚିନ୍ତାକରେ ଏଇ ଝିଅଟିକୁ କୋଳେଇ କାଖେଇ ଆଜି ଏଡୁଟିଏ କରିଛି । ଝାଡ଼ୁ, ପରିସ୍ରା କରୁଥା ସବୁ ଲୁଗାପଟା ଧୋଇଛି । ବୟସ କମ୍ ହେଲେ ମଧ ମା'ର ସ୍ନେହ ଦେବାରେ ଊଣା କରିନି । କିନ୍ତୁ ଆଜି ଟିକେ ଚାଲିଶିଖିବାରୁ, କଥା କହି ଜାଣିବାରୁ ହାତରେ ଜୋର୍ ଆସିବାରୁ ଧକ୍କାଦେଉଛି, କିନ୍ତୁ କ'ଣ କିରବ ? ସେ ଘରର ଚାକରାଣୀ । ସେ ଯଦି କିଛି ଉତ୍ତର ଦେବ ଗଳାଧକ୍କାଦେଇ ଘରୁ ବାହାର କରିଦେବେ । ତେଣୁ ସବୁ ସହିଯାଇ କେବଳ ଭାଗ୍ୟକୁ ଆଦରି ପଡ଼ିରହିଥାଏ । କାରଣ ସେଇଘରୁ ଯାହାମିଳେ ସେତକନେଇ ନିଜର ବୁଢ଼ାବାପା ଓ ସାନଭାଇଙ୍କୁ ବାଞ୍ଚା ଇଥାଏ । ତେଣୁ ତା' ମନରେ ଯଦିଓ ପ୍ରତିବାଦର ସ୍ୱର ଉଙ୍କି ମାରିଥାଏ, ତଥାପି ସେ ନିରୁପାୟ ।

ଘରୁ ସମସ୍ତେ ଚାଲିଗଲା ପରେ ବସୁଧା ଡ୍ରେସିଙ୍ଗ୍ ଟେବୁଲ ପାଖକୁ ଯାଇ ନିଜକୁ ଦେଖେ । ମଳି ଲଦି ହୋଇଯାଇଥିବା ଗୋରା ଚେହେରା ମଧ୍ୟରେ ଦାନ୍ତଗୁଡ଼ିକ କେବଳ ମଲ୍ଲିଫୁଲ ଭଳି ଧଳା ଦେଖାଯାଉଥାଏ । ବାବୁଆଣୀଙ୍କ ତାଗିଦା ଥାଏ । ନିଜକୁ କେବେ ସଜାଇ ନ ହେବାପାଇଁ । କାରଣ ତା'ର ସ୍ଥାନ ପାଦତଳେ । ଯୌବନର ଉଚ୍ଛ୍ୱଳାମନରେ ଯଦିଓ ଟିକେ ସଜେଇ ହେବାର ଭାବନା ଆସେ, କିନ୍ତୁ ବାବୁଆଣୀଙ୍କ ତାଗିଦା ତାର ସେ ସବୁକୁ ସେମିତି ମନରେ ମାରିଦେବାକୁ ବାଧ୍ୟ ହୁଏ । ସେ ଦିନଥାଏ କୁମାର ପୂର୍ଣ୍ଣିମା । କୁଆଁରୀମାନେ ନିଜକୁ ସଜାଇ ଓଷା କରିଥାଆନ୍ତି ବୃନ୍ଦାବତୀଙ୍କ ପାଖରେ । କୁଆଡେ ପରମ୍ପରା ଅଛି କୁଆଁରୀମାନେ ଚାନ୍ଦ ପୂଜା କରନ୍ତି ନିଜ ମନର ନାୟକ ପାଇଁ । ସାହେବାଣୀଙ୍କ ତାଗିଦକୁ ଖାତିର ନକରି ସେ ବାଥ୍ ରୁମ୍‌ରେ ବହୁଦିନର ମଇଳା ଦେହଟାକୁ ସାବୁନ୍ ଓ ସାମ୍ପୋରେ ସଫା କରିଥାଏ । ଡ୍ରେସିଂଟେବୁଲ ପାଖକୁ ଆସି ନିଜର ଏଡ଼େ ସୁନ୍ଦର ଚେହେରାକୁ ଦେଖି ବିଶ୍ୱାସ କରିପାରୁ ନଥାଏ । ନିଜ ଚେହେରାକୁ ଦେଖି ଟିକେ ଲାଜେଇ ଲାଜେଇ ହସିବାକୁ ଲାଗିଲା । ସାହବାଣୀ ଦେଇଥିବା କସ୍ତାଲୁଗା ଖଣ୍ଡକ ପିନ୍ଧି, ବିଭିନ୍ନ ପ୍ରକାର ସଜାଇହେବା ଜିନିଷରେ ନିଜକୁ ସଜାଇଦେଲା । ମନେ ହେଉଥାଏ ପରୀ ରାଇଜର ପରୀଟିଏ ପରି । କିନ୍ତୁ ସାହେବାଣୀଙ୍କ ତାଗିଦ ତା'ର ଉଚ୍ଛ୍ୱଳାମନରେ ବାରମ୍ବାର ପ୍ରଶ୍ନ ଆଙ୍କି ଚାଲିଥାଏ ।

ହଠାତ୍ କଲିଙ୍ଗ୍ ବେଲ୍ ବାଜିଉଠିଲା । ବସୁଧା ବ୍ୟସ୍ତ ହୋଇ ପଡ଼ିଲା । ଯେତେ ଚେଷ୍ଟା କଲେ ବି ନିଜର ସୁନ୍ଦର ଚେହେରାକୁ ଲୁଚାଇ ପାରିଲା ନାହିଁ । କଲିଂବେଲ୍ ପୁଣି ବାଜି ଉଠିଲା । ସେ କବାଟ ଖୋଲି ଦେଖେ ଅନ୍ୟ କେହି ନୁହଁନ୍ତି ବାବୁଙ୍କ ପୁଅ ମହେନ୍ଦ୍ର । ବିଦେଶରେ ରହି ପଢ଼େ । ଆସିବାର ଖବର ନ ଦେଇ ହଠାତ୍ ପହଞ୍ଚି ଗଲେ । ମହେନ୍ଦ୍ର ଓ ବସୁଧା ଏକା ବୟସର । ପରସ୍ପରକୁ ଛୋଟବେଳୁ ଚିହ୍ନିଛନ୍ତି । କିନ୍ତୁ ସେଦିନ ମହେନ୍ଦ୍ର, ବସୁଧାର ରୂପରେ ବିମୁଗ୍ଧ ହୋଇ ନିଜକୁ ସମ୍ଭାଳି ନ ପାରି ବସୁଧାର ବହୁ ବାଧା ସତ୍ତ୍ୱେ ନିଜର ପାଶବିକ ପ୍ରବୃତ୍ତିକୁ ଜାହିର କରି ଚାଲିଲା । ବସୁଧା ଶେଷରେ ନିସ୍ତେଜ ମନୁମେଣ୍ଟ ଭଳି ଘର କୋଣରେ ଠିଆହୋଇ କାନ୍ଦିବାକୁ ଲାଗିଲା । ମହେନ୍ଦ୍ର ନିଜର ବିଦେଶୀ ଢଙ୍ଗରେ ତାକୁ ବହୁପ୍ରକାର ଆଶ୍ୱାସନା ଦେଇ ବୁଝାଇଦେଲା ।

ପୁଣିଥରେ କଲିଂବେଲ୍ ବାଜିଉଠିଲା । ବସୁଧା ବ୍ୟସ୍ତ ହୋଇପଡ଼ି ନିଜକୁ ସଜାଡ଼ିନେଲା । କବାଟ ଖୋଲି ଦେଖେ ତ ବାବୁ, ବାବୁଆଣୀ ଓ ସାନଝିଅ । ମହେନ୍ଦ୍ର ଆସିବାର କଥା ପଚାରିବାରୁ ବସୁଧା ହଁ ଭରିଥିଲା । ଘର ଭିତରେ ସମସ୍ତେ ପରସ୍ପରକୁ ଆନନ୍ଦରେ ଆଲିଙ୍ଗନ କରି ଖୁସି ମନାଉଥିବାବେଳେ ସେ ନୀରବ ହୋଇ ନିଜ ଭବିଷ୍ୟତର କଳଙ୍କିତ ଅଧ୍ୟାୟର ପୃଷ୍ଠା ଉନ୍ମୋଚନ କରୁଥାଏ । ବାବୁଆଣୀଙ୍କ ଡାକରାରେ ପ୍ରକୃତିସ୍ଥ ହୋଇ ବସୁଧା କଫି ତିଆରି କରି ନେଇଗଲା ଘର ଭିତରକୁ । ବାବୁଆଣୀ ବସୁଧାର ଚେହେରାକୁ ଦେଖି କହିଲେ - କ'ଣ ଆଜି ଭାରି ସ୍ମାର୍ଟ ଦେଖାଯାଉଛୁ ? ଓହୋ ଆଜି କୁମାର ପୂର୍ଣ୍ଣିମା ।

ବସୁଧା କଫି ଦେଇ ଚାଲିଆସି ଜୀବନର ଅମାବାସ୍ୟା ଅନ୍ଧକାର ମଧ୍ୟରେ ନିଜକୁ ଖୋଜିଚାଲିଥାଏ । ଦିନପରେ ଦିନ ବିତିଚାଲିଥାଏ । ବସୁଧା ଅନ୍ତଃସତ୍ତ୍ୱା ହୁଏ । ବାବୁଆଣୀ ତା'ର ଚାଲିଚଳଣିରୁ ସନ୍ଦେହ କରି ଘରୁ ବିଦା କରିବା ପାଇଁ ଚିନ୍ତାକଲେ । ଶେଷରେ ସ୍ଥିର ହେଲା ବିଦା ହେବାପାଇଁ । ସେ ବାବୁ, ବାବୁଆଣୀଙ୍କ ଗୋଡ଼ ହାତ ଧରି ନେହୁରା ହୋଇ କାନ୍ଦି ଚାଲିଲା । ଶେଷକୁ ବାବୁଙ୍କ ଦୟାରେ ବସୁଧା ଘରୁ ନ ବାହାରି ପୁଣି କାମକରେ ।

ପୂର୍ବଭଳି ସବୁକାର୍ଯ୍ୟ ସେ ଠିକ୍ ରୂପେ କରିଚାଲେ । କିନ୍ତୁ ମନରଭୟ ସବୁବେଳେ ତାକୁ ଦଂଶନ କରି ଚାଲିଥାଏ । ସାହିରେ ସମସ୍ତେ ବସୁଧାକୁ ଲକ୍ଷ୍ୟ କରି ଟୁପୁରୁ ଟାପର ଆରମ୍ଭ କରିଦେଲେ । ସାନଭାଇ, ଭଉଣୀର କଳଙ୍କିତ ଅଧ୍ୟାୟ ଶୁଣି ଆସି ଧିକ୍କାର କରନ୍ତି । ସାନଭାଇ ଓ ବୁଢ଼ାବାପା ନିଷ୍ପତ୍ତି ନିଅନ୍ତି ବସୁଧା କଦାପି ଏ ଝୁମ୍ପୁଡି ଘରର ଦରଜା ନ ମାଡିବା ପାଇଁ । ସେ ଯେତେ ବୁଝାଇଲେ ମଧ୍ୟ ବାପ, ଭାଇ ବୁଝିବାକୁ ନାରାଜ । ଶେଷରେ ସେ ସମାଜରେ ପରିଚୟ ପାଇଥିବା ପରିବାର ଠାରୁ ଦୂରେଇ ଯାଏ ।

ବସୁଧା ସ୍ଥିରକଲେ ଆଜି ସବୁକିଛି ସତକଥା ବାବୁ ଓ ବାବୁଆଣୀଙ୍କ ନିକଟରେ କହିଦେବ । ନିଜ ମନୋବଳକୁ ଦୃଢ଼କଲା । ସନ୍ଧ୍ୟା ସମୟରେ ବାବୁ ବାବୁଆଣୀ କଫି ପିଉଥିବା ସମୟରେ ସେ କିଭଳି କଥା ଆରମ୍ଭ କରିବ

ବୋଲି ଚିନ୍ତା କରୁଥାଏ । ବାବୁ କହିଲେ - କ'ଣ ବସୁଧା କହିବ ?

ବାବୁଙ୍କର କଥାଶୁଣି ତା'ର ଦେହ ହାତ ଥରିବାକୁ ଲାଗିଲା । ଶେଷରେ ନିଜକୁ ଦୃଢ଼ କରି କହିଲା - ବାବୁ ! ସାନବାବୁ ମୋର ସର୍ବନାଶ କରିଛନ୍ତି ।

ବାବୁ, ବାବୁଆଣୀ କାଳବୈଶାଖୀର ଝଡ଼ ପରି କମ୍ପିଉଠିଲେ । ବାବୁଆଣୀ ଚିତ୍କାର କରିଉଠିଲେ, ମନେହେଉଥାଏ ପାଗଳା ବାଘୁଣୀ ସତେଯେପରି ନିଜର ପ୍ରତିପକ୍ଷ ଶତ୍ରୁ ଉପରେ ପ୍ରତିଶୋଧ ନେବାକୁ ତତ୍ପର ହୋଇଉଠିଛି ।

ବାବୁଆଣୀ ଗଳାଧକ୍କା ଦେଇ ତାକୁ ଘରୁ ବାହାର କରିଦେଲେ । ସେ ବିଚରା କାହାର ସାହାରା ନେବ ଚିନ୍ତା କରି ଶେଷରେ ନିକଟରେ ଥିବା ପୋଲିସ୍ ଷ୍ଟେସନରେ ପହଞ୍ଚେ । ନିଜର ସମସ୍ତ ଘଟଣା ପୋଲିସ୍ ଆଗରେ କହିଚାଲିଥାଏ । ପୋଲିସ୍ ଇନିସ୍‌ପେକ୍ଟର କେସ୍ ରୁଜୁକରାଇ ବସୁଧାର ବାବୁଘରକୁ ଯାଆନ୍ତି । ପୋଲିସ୍ ଠାରୁ ସବୁ ଘଟଣା ଶୁଣି ତୁଷାର ବାବୁ ଏ ସମସ୍ତ ଘଟଣା ମିଛ ବୋଲି ପ୍ରକାଶ କରନ୍ତି । ବଡ଼ ବଡ଼ିଆଙ୍କ କଥା, ଅନ୍ୟାୟ ଅନୀତିର ସମସ୍ତ କଳା ରହସ୍ୟକୁ ନିଜର ଟଙ୍କା ଦ୍ୱାରା ସଫା କରିଦିଅନ୍ତି । ସେହି କଥା ହେଲା । ପୋଲିସ୍ ବାବୁ ଫେରିଆସି ବସୁଧାକୁ ଚେକିଙ୍ଗ୍ କରି ବାହାର କରି ଦିଅନ୍ତି । ସେ ବିଚରା କିଂକର୍ତ୍ତବ୍ୟବିମୂଢ଼ ହୋଇ ପୋଲିସ୍ ଷ୍ଟେସନରୁ ବାହାରି ଆସି ବାଞ୍ଚିବାର ସାହାରା ଖୋଜିବୁଲେ । ଶେଷରେ ଚିନ୍ତାକରେ ଏଭଳି କଳଙ୍କିତ ଜୀବନନେଇ ବଞ୍ଚିବା ଅପେକ୍ଷା ମରିଯିବା ଭଲ ।

ସେ ଚିନ୍ତା କରୁଥାଏ, ନିଜର ଶୈଶବ, କୈଶୋର ଓ ଯୌବନ ଅବସ୍ଥା ଯେଉଁ ବାପ, ଭାଇଙ୍କ ପାଇଁ ଜଳାଞ୍ଜଳୀ ଦେଇଛି, ସେ ତ ପର କରିଦେଲେ । ଯାହାର ଘରକୁ ନିଜ ଘରଠାରୁ ଅଧିକ ଭଲ ପାଉଥିଲା, ସେ ତ ସର୍ବନାଶ କଲେ । ତେବେ ବଞ୍ଚିବା ଅପେକ୍ଷା ମରିଯିବା ବରଂ ଶ୍ରେୟସ୍କର । କିନ୍ତୁ ମନଭିତରେ ଦୟା ଆସେ ଗର୍ଭସ୍ଥ ନିଷ୍ପାପ ଶିଶୁଟି ପ୍ରତି । ଶେଷରେ ନିଷ୍ପତ୍ତି ନିଏ ଗର୍ଭସ୍ଥ ସନ୍ତାନକୁ ଜନ୍ମଦେବା ପାଇଁ । ତା'ରି ମାଧ୍ୟମରେ ଏ ସମାଜକୁ ଉଚିତ୍ ଶିକ୍ଷା ଦେବ ବୋଲି ବସୁଧା ସ୍ଥିର କରେ । ଜୀବନକୁ ପଥର କରି ଏକ ହୋଟେଲରେ ବାସନ ମାଜି ଜୀବନ ବିତାଉଥାଏ ବସୁଧା । ବାହାର ଲୋକମାନଙ୍କର କୁଭାଷାକୁ ଖାତିର ନ କରି ଶିଶୁଟିକୁ ଜନ୍ମ ଦେବା ଉଦ୍ଦେଶ୍ୟରେ ସବୁକିଛି ସହିଯାଏ ।

ହୋଟେଲ୍ କାମଧନ୍ଦା ସାରି ରାତିରେ ସହର ନିକଟରେ ଥିବା ଆମ୍ବତୋଟାରେ ଅକାମି ହୋଇ ପଡ଼ିଥିବା ସିମେଣ୍ଟ ନଳ ମଧ୍ୟରେ ଆଶ୍ରୟନିଏ । ରାତିରେ ନିଦ ଆସେ ନାହିଁ । କେବଳ ଭାବିଚାଲିଥାଏ ସଭ୍ୟ ମଣିଷର ଅସଭ୍ୟ ରୂପକୁ । ଦରକାରୀ ବସ୍ତୁଗୁଡ଼ିକ ଅଦରକାରୀ ହୋଇଗଲେ ଯେଉଁଭଳି ଡଷ୍ଟବିନ୍‌ରେ ସ୍ଥାନ ପାଇଥାଆନ୍ତି, ଠିକ୍ ସେହିଭଳି ତା'ର ଅବସ୍ଥା ।

ସବୁଦିନ ପରି ସେ ହୋଟେଲ୍‌ରୁ କାମଧନ୍ଦା ସାରି ନିଜର ଆଶ୍ରିତ ସେହି ଆମ୍ବତୋଟାକୁ ଆସୁଥାଏ । ସେଦିନଥାଏ ଅମାବାସ୍ୟା । ଲାଇନ୍ ବି ଚାଲିଯାଇଥାଏ । ଚାରିଆଡ଼ ଅନ୍ଧାର କିଟି କିଟି । କିଛି ଲୋକ ତା' ପଛରେ ଆସୁଥିବାର ସେ ଅନୁଭବ କଲା । ନିଜ ଜୀବନ ବଞ୍ଚାଇବାପାଇଁ ସେ ବହୁକଷ୍ଟରେ ଆଗକୁ ଦୌଡ଼ି ଚାଲିଥାଏ । ଗର୍ଭସ୍ଥ ଯନ୍ତ୍ରଣା ହେଉଥିଲେ ସୁଦ୍ଧା ସେ ଭୟଭୀତ ହରିଣୀପରି ଦୌଡ଼ି ଚାଲିଥାଏ । ଅନ୍ଧାରରେ କଳା ମଚ ମଚ ମଣିଷଗୁଡ଼ାକ ଭୋକିଲା ବାଘ ପରି ଗୋଡ଼ାଇ ଚାଲିଥାଆନ୍ତି । ହଠାତ୍ ସେ ପାଖରୁ ଏକ ମାଲ ବୋଝେଇ ଟ୍ରକ୍ ମାଡ଼ିଆସିଲା । କିଛି ସମୟପରେ ଲାଇନ୍ ଚାଲିଆସିଲା । ରକ୍ତର ଛିଟାରେ କଳା ପିଚୁ ବି ଲାଲ୍ ଦେଖାଯାଉଥାଏ । ବାରି ହୋଇପଡୁଥାଏ ଦୁର୍ଦ୍ଦାନ୍ତ ପିଶାଚଗୁଡ଼ିକ ମନ ଦୁଃଖରେ ଫେରିବାର ।

ବ୍ରଜ ବିହାରୀପୁର, ପ୍ରୋଜେକ୍ଟ ଅପର ପ୍ରାଇମେରୀ ସ୍କୁଲ, କଟକ

❑ ❑ ❑

# ପଳାଶ ଫୁଲ

ରଞ୍ଜନ କୁମାର ଯତି

ସହରଟା ଶୋଇଯାଇ ଘୁଙ୍ଗୁଡ଼ି ମାରିବାରେ ବ୍ୟସ୍ତ । ସମୟେ ସମୟେ ରାତି ଜଗୁଆଳିର ହୁଇସିଲ୍ ଶବ୍ଦରେ ଚେଇଁ ଉଠୁଥାଏ । କୁକୁରଗୁଡ଼ାକ ନିର୍ଭୟରେ ଭୁକି ଚାଲିଥାଆନ୍ତି । ମନେହେଉଥାଏ କୁକୁରମାନଙ୍କର ସଭା ଚାଲିଛି ସହରୀ ମଣିଷମାନଙ୍କ ବିରୁଦ୍ଧରେ । ଏତେ ଗାଡ଼ି ମଟର ପେଁ ପାଁ ହୋଇ ମାଡ଼ିଆସୁଛି ଯେ କୁକୁରଗୁଡ଼ାକ ଅଣନିଃଶ୍ୱାସୀ ହୋଇପଡୁଥାଆନ୍ତି । ଗୋଟାଏ ମାଈକୁକୁର ତା'ଛୁଆ ପାଖରେ ଠିଆହୋଇ ଆଖିରୁ ଲୁହଗଡ଼ାଇ ଚାଲିଥାଏ । ଛୋଟ କୁକୁରର ଅନ୍ତବୁଜୁଳାରୁ ତା'ଜୀବନ ଖୋଜିଚାଲିଛି ମା' କୁକୁରଟା । ମା' କୁକୁରଟା ସିନା ରାସ୍ତା ପାର ହୋଇଗଲା, କିନ୍ତୁ ଛୁଆ କୁକୁରଟାକୁ ଗାଡ଼ି ଚାପିଦେଇଥିଲା । ଯଦିଓ ମା' କୁକୁରଟା ତା ପିଲାଟିର ଅବସ୍ଥା ଦେଖିଯିବାକୁ ଚାହୁଁଥିଲା, କିନ୍ତୁ ସହରୀ ମଣିଷ ଏହା କରାଇ ଦେଲେନି । ତେଣୁ ସେମାନଙ୍କ ପାଇଁ ଏଇ ସମୟଟା ଠିକ୍ । ଷ୍ଟ୍ରିଟ୍ ଲାଇଟ୍‌ର ମଲ୍ଲିଫୁଲିଆ ଆଲୁଅରେ କାନ୍ଥରେ ମରାଯାଇଥିବା ପୋଷ୍ଟରଗୁଡ଼ାକ ଜୀବନ୍ତ ଦେଖାଯାଉଥାଏ । ଜୀବନ୍ତ ପୋଷ୍ଟର ତଳେ ହରିଶ୍ ଠିଆ ହୋଇ ମନଭରି ଦେଖିଚାଲିଛି ହିରୋ ହିରୋଇନ୍‌ଙ୍କ ଫଟୋ । ସମୟ ପ୍ରତି ତା'ର ନିଘା ନଥାଏ । ହାତରେ ଘଣ୍ଟା କି ମୋବାଇଲ୍ ଥିଲେ ସିନା ସମୟ ଦେଖନ୍ତା । ଏତିକି ମନେ ଅଛି ହୋଟେଲରୁ କାମ ସାରି ଆସିଛି ଏଗାରଟା ବେଳୁ । ହଠାତ୍ ଏକ କୁକୁର ଆସି ତା'ଗୋଡ଼ ଚାଟିବାକୁ ଲାଗିଲା । କୁକୁରଟା ମଧ ଦୁଇ ଗୋଡ଼ ଟେକି ତା' ଉପରକୁ ଚଢ଼ିଗଲା । ଅନ୍ୟ କୁକୁରଗୁଡ଼ାକ ଦୌଡ଼ିଆସି ହରିଶ୍ ଚାରିପାଖରେ ପ୍ରହରା ଦେଲେ । ମନେ ହେଉଥାଏ ହରିଶ ଜଣେ ଦାମିକିଆ ଲୋକ, କୁକୁରଗୁଡ଼ାକ ଜଗୁଆଳି । ସେଇ ତା'ର ଆନନ୍ଦ । ହରିଶ୍ ଅନୁଭବ କଲା ମା' କୁକୁର ଓ ତା'ର ଛୁଆ ନାହିଁ । କିଛି ଦୂରରେ ଦେଖେ ମା'କୁକୁରଟି ଭୁକୁଛି । ସେ ମା' କୁକୁର ଆଡ଼କୁ ଗଲା । କୁକୁରଟି କ'ଣ ଭାବିଲା କେଜାଣି ହରିଶକୁ ଦେଖି ଅଧିକ ଜୋର୍‌ରେ ଭୁକିବାକୁ ଲାଗିଲା । ମଲା କୁକୁର ଛୁଆଟିକୁ ଦେଖି ସେ ଦୁଃଖରେ ଭାଙ୍ଗିପଡ଼ି ଲୁହ ଗଡ଼ାଇଲା । ମା' କୁକୁରକୁ ଯେତେ ବୁଝାଇଲେ ବି ସେ ତା'ର ଛୁଆକୁ ଛାଡ଼ି ଆସୁ ନଥାଏ ।

କୁକୁରର ତା' ଛୁଆ ପ୍ରତି ଥିବା ସ୍ନେହକୁ ଅନୁଭବ କରି ହରିଶ ନିଜ ଆଡ଼କୁ ଦୃଷ୍ଟିଫେରାଇଲା । ତା'ମା ଥିଲେ କ'ଣ ସେ ଫୁଟ୍‌ପାଥ୍‌ରେ ଏମିତି ନିରାଶ୍ରୟ ହୋଇ ବୁଲୁଥାଆନ୍ତା ? ଦେହ ମୁଣ୍ଡ କ'ଣ ଏମିତି ଅପରିଷ୍କାର ହୋଇଥାଆନ୍ତା । ସେ ମଧ ଅନ୍ୟ ପିଲାମାନଙ୍କ ପରି ପାଠପଢ଼ି ମଣିଷ ହୋଇଥାଆନ୍ତା । ଏମିତି ଭାବୁ ଭାବୁ ତାର ମନେପଡ଼େ ରହିମ ଚାଚା କଥା । ସେ ଛୋଟବେଳୁ ତାକୁ ଲାଳନ ପାଳନ କରି ଏତେ ବଡ଼ କରିଛି । ଚାଚା କହୁଥିଲେ ସେ ମୋତେ କୁଆଡ଼େ ଡ୍ରେନ୍‌ପାଖରୁ ପାଇଥିଲେ । ଲାଳଲଟପଟ ହୋଇ ଡ୍ରେନ୍ ପାଖରେ ପଡିଥିଲି । କାଳିଆ କୁକୁରଟାଏ ମୋତେ ଜଗି ରହିଥିଲା । ଯଦିଓ ସେ ଭୋକିଲା ଥିଲା ତଥାପି ମୋର କିଛି କ୍ଷତି କରି ନଥିଲା । ରହିମ ଚାଚା ମଦରେ ମତୁଆଲ ହୋଇ ରାତିରେ ଘରକୁ ଫେରୁଥିବାବେଳେ ମୋର କୁଆଁ କୁଆଁ ଶବ୍ଦ ତାଙ୍କର ମଦ ନିଶା ଛଡ଼ାଇ ଦେଇଥିଲା । ସେ କୁଆଡ଼େ ସେ ଦିନ ଭାରି ଖୁସି ହୋଇ ମୋତେ କୋଳେଇ ନେଇଥିଲେ । ରହିମ୍ ଚାଚାଙ୍କ ସ୍ତ୍ରୀ ସାହେବା ବେଗମ୍‌ଙ୍କର କୌଣସି ଛୁଆପିଲା ନଥିଲେ । ଆଲ୍ଲାଙ୍କୁ ପ୍ରାର୍ଥନା କଲେ ବି ତାଙ୍କ କୋଳ ଶୂନ୍ୟଥିଲା । ମୋତେ ପାଇ ଉଭୟ ସ୍ୱାମୀ ସ୍ତ୍ରୀ ଭକ୍ତି ସହକାରେ ନମାଜ ପଢ଼ିଥିଲେ । ବାଟରୁ ପାଇଥିବା ପିଲା ବୋଲି କେବେ ବି ଅଣହେଳା କରି ନାହାନ୍ତି । ନିଜର ପିଲାପରି ଅଧିକ ସ୍ନେହ ଅଜାଡ଼ି ଦେଇଛନ୍ତି । ଦୁଇ ବର୍ଷ ହେବା ବେଳକୁ ସାହେବା ବେଗମ୍ ଆରପାରିକୁ ଚାଲିଯାଇଥିଲେ । ମୋର ଦେଖାଶୁଣା ପାଇଁ ରହିମ୍ ଚାଚା ମୋତେ ଅନାଥ ଆଶ୍ରମରେ ଛାଡ଼ି ଦେଇଥିଲେ । ମୁଁ ସାତବର୍ଷର ହୋଇଥାଏ । ରହିମ୍ ଚାଚା ଚାଲିଗଲେ, ଆଶ୍ରମଟି ଭାଙ୍ଗିଯିବାରୁ ସାତବର୍ଷ ବୟସରୁ ହୋଟେଲ୍‌ରେ

ରହି କାମ କରୁଛି । ସେହିଦିନଠାରୁ ଏଇ କୁକୁରଗୁଡ଼ାକ ମୋର ପରିବାର । ଏଇମାନେ ହିଁ ମୋର ପରିଚିୟ ।

ହରିଶ ଏମିତି ଚିନ୍ତା କରି ହୋଟେଲରୁ ଆଣିଥିବା ବଳକା ରୁଟି କୁକୁରଗୁଡ଼ାକୁ ଦେଲା । ଏହା ତାର ନିତି ଦିନିଆ କଥା । କୁକୁରମାନେ ବି ଅପେକ୍ଷା କରିଥାଆନ୍ତି ତାର ଫେରିବା ବାଟକୁ । କୁକୁରମାନେ ରୁଟି ଖାଉଥାଆନ୍ତି । ସେ ଏମାନଙ୍କର ଖାଇବାରେ ଖୁସି ପାଉଥାଏ । ରାତି ଆସ୍ତେ ଆସ୍ତେ ପାକଳ ହୋଇ ଆସୁଥାଏ । ଗୋଟିଏ ଦୋକାନ ବାରଣ୍ଡାର କାନ୍ଥରୁ କିଛି ପୋଷ୍ଟର ଚିରିଆଣି ତଳେ ପକାଇ ଶୋଇଯାଏ । କୁକୁରଗୁଡ଼ାକ ତା'ର ଚାରିପାଖରେ ଠେସି ହୋଇ ଶୋଇଯାଆନ୍ତି । ବାହାରର ଶୀତ ଏଠି ହାର ମାନିଯାଏ । କୁକୁରଗୁଡ଼ାକ ଠାରୁ ଉଷୁମ୍ ଟାଣି ନିଜ ଦେହକୁ ଉଷୁମ କରେ । ମନେ ହେଉଥାଏ ମଣିଷ ସିନା ମଣିଷକୁ ଚିହ୍ନେ ନାହିଁ, କିନ୍ତୁ କୁକୁରଗୁଡ଼ାକ ସେମିତି ନୁହଁନ୍ତି ।

ହଠାତ୍ ହରିଶ୍‌ର ନିଦ ଅଟୋବାଲାମାନଙ୍କର ଅଟୋର ହର୍ଣ୍ଣରେ ଭାଙ୍ଗିଯାଏ । ସେ ବ୍ୟସ୍ତ ହୋଇପଡ଼େ । କାରଣ ତାର ଦାୟିତ୍ୱ ଥାଏ ହୋଟେଲ କୋଇଲା ଚୂ ଲାରେ ଆଞ୍ଚ ଦେବାର । ଏକା ନିଃଶ୍ୱାସକେ ଧାଇଁ ଚାଲିଲା ହୋଟେଲଆଡ଼କୁ, ସେ ଯିବାବେଳକୁ ହୋଟେଲ କବାଟ ଖୋଲା ହୋଇଯାଇଥାଏ । ରୋଷେୟା ତାକୁ ଦେଖି ବିରକ୍ତ ହେଲା । ଯାହା ତାହା ପାଟିକୁ ଆସିଲା ଗାଳିଦେଇ ଚାଲିଲା । ବିଚରା ବରଢ଼ା ପତ୍ର ପରି ଥରୁଥାଏ । ରୋଷେୟାର ଏକ ଶକ୍ତ ଚାପୁଡ଼ାରେ ତାର ଜ୍ଞାନ ହଜିଗଲା ପରି ମନେହେଲା, କିନ୍ତୁ ପ୍ରତିବାଦ ନ ଥାଏ । ଖଣ୍ଡିଆ ବ୍ୟାଗ୍‌ଟାକୁ ତଳେ ଥୋଇ ଦେଇ ଚୁଲିର ଆଁରେ ଟୁକୁରା କୋଇଲା ନେଇ ଠିକ୍ ରୂପେ ସଜାଇ ଦେଲା । ଯେତେ ବାସି ବାସନକୁସନ ଥିଲା ସବୁତକ ମାଜିଲା । ମାଜିଲାବେଳେ ମଶାଗୁଡ଼ାକ ଗଣଗଣ ହୋଇ ରକ୍ତ ଶୋଷି ଚାଲିଥାଆନ୍ତି । ସେ ହାତ ବୁଲାଇ ଆଣିଲା ବେଳକୁ ହାତସାରା ରକ୍ତ ହୋଇଯାଏ । ବେସିନ୍ ଧୋଇଲା ବେଳକୁ ଉପରେ ଲାଗିଥିବା ଦର୍ପଣରେ ନିଜ ଚେହେରାକୁ ଦେଖି ଖତେଇ ହୁଏ । କଳା ବିଲି ବିଲି ମୁହଁଟା । ରାମନବମୀର ତାଡ଼କା ଅସୁରୁଣୀ ଭଳି ଦେଖାଯାଉଥାଏ । କେବଳ ମଇଳା ବୋର ପଡ଼ିଥିବା ଦାନ୍ତଗୁଡ଼ାକ ଜଣାଯାଉଥାଏ । ଏହି ସମୟରେ କେମ୍ପା ହରିଆଟା ଆସି ତାକୁ ଧକ୍କାଟାଏ ମାରି କହିଲା - ଏ ବଦ୍‌ମାସ ! କାମ କରୁଛୁ ନା ଦର୍ପଣ ଦେଖୁଛୁ ।

କ'ଣ ବିଚରା କରିବ ? ତରବର ହୋଇ ଅନ୍ୟ କାମ କରିବାକୁ ଲାଗିଲା । ସମୟ ସେତେବେଳକୁ ସାତଟା ହୋଇଗଲାଣି । କାଲିରାତିରେ କ'ଣ ଦି'ଖଣ୍ଡ ରୁଟି ଖାଇଥିଲା ଯେ ଏତେ କାମରେ ସେ ସବୁ ସଫା । ପିନ୍ଧିଥିବା ତାଳିପକା ପ୍ୟାଣ୍ଟ ଖଣ୍ଡକ ଅଣ୍ଟାରୁ ଗଳିପଡୁଥାଏ । ବରା, ଚପ୍, ସିଙ୍ଗଡ଼ାର ବାସ୍ନାରେ ମହକି ଉଠୁଥାଏ ଚାରିଆଡ଼ । ସେ କେବଳ ବାସ୍ନାକୁ ମନଭରି ଆଘ୍ରାଣ କରି ଚାଲିଥାଏ, କାମ ସରିନି । ବାବୁମାନେ ଜଳଖିଆ ଖାଇବାକୁ ଆସିବେ । ଟେବୁଲ୍‌ଗୁଡ଼ାକୁ ପୋଛିବାକୁ ପଡ଼ିବ । ଇଚ୍ଛା ନ ଥିଲେ ମଧ ଟେବୁଲ୍ ପୋଛି ଚାଲିଲା । ସେ ଚିନ୍ତାକଲା ତାକୁ ପାଣିଦେବାକୁ ପଡ଼ିବ । ନିଜକୁ ସଫାସୁତୁରା ହେବାକୁ ହେବ । ପାଖରେ ପଡ଼ିଥିବା କୋଇଲା ମିଶା ସର୍ଫରୁ ପୁଳାଏ ଆଣି କଳାପଡିଥିବା ମୁହଁ ହାତ ସଫାକଲା । କୋଇଲା ଗୁଣ୍ଡରେ ରେଗେଡ଼ି ହୋଇ ମୁହଁଟା ପୋଡୁଥାଏ । ସେଥିପ୍ରତି ତା'ର ନଜର ନଥାଏ । ସହରୀ ବାବୁମାନେ ଜଳଖିଆ ଖାଇବାକୁ ଆସିଲେ, ସମସ୍ତେ ଡାକ ଦିଅନ୍ତି ହରିଶ୍ କୁ ଟେବୁଲ୍ ସଫା କରିବାପାଇଁ । ସେ ଚିନ୍ତା କରେ "ଯେତେ ସଫା କଲେ ବି ଏ ବାବୁମାନଙ୍କ ମନକୁ ପାଏନି, ପୁଣି ଡାକନ୍ତି ।" ଏମିତି ଦିନପରେ ରାତି, ରାତିପରେ ଦିନ ଗଡ଼ିଚାଲେ ହରିଶର । ବୟସ ବାରବର୍ଷ, ତା' ବୟସର ପିଲାମାନଙ୍କ ହସ ଖୁସି ଦେଖି ବେଳେବେଳେ ସେ ମନଦୁଃଖ କରେ । ଈଶ୍ୱରଙ୍କ ଉପରେ ସବୁବେଳେ ରାଗେ । ତାକୁ କାହିଁକି ଏମିତି କଲେ ? ହେଲେ ସେ ଭାବେ ଭଗବାନ ତ ପଥର, ସେ ବା ବୁଝିବେ କିଭଳି ।

ସେ ଦିନ ଥାଏ ରିବିବାର, ସଞ୍ଜଲେଉଟା ବେଳ । ହୋଟେଲ ବନ୍ଦ ଥାଏ । ହରିଶ ଆସିଥାଏ ତାର ସାହିକୁ । ସାହିର ଘରଗୁଡ଼ାକ ଏକାପରି ଲାଗେ । କଳା ପଲିଥିନ୍‌ର ଗୁମୁଟିଘର ଏସ୍କିମୋମାନଙ୍କ ଘରପରି ନେପେଟି ପଡ଼ିଥାଏ । କିନ୍ତୁ ତା'ର ତ ଘର ନଥାଏ । ବର୍ଷା ହେଲା ବେଳେ ବେଳେ ନିଧିଆ ବୁଢ଼ାର ଝୁମ୍ପୁଡ଼ିରେ ଆଶ୍ରୟ ନିଏ । ନିଧିଆଟା କୁଷ୍ଠରୋଗୀ । ସେ ହରିଶ୍‌କୁ ସ୍ନେହ କରେ । କାହିଁକି ନା ସମୟେ ସମୟେ ତାକୁ ରୁଟି ତରକାରି ଦେଇଛି । ଦେଖେ

ତ ତା'ରି ଭଳିଆ ପିଲାମାନେ ଗିଲାସ, ବେଲା, ତାଟିଆ ଧରି ଲାଇନ୍ ହୋଇ ଠିଆ ହୋଇଛନ୍ତି । ବୁଝେ କ୍ଷୀର ମିଳୁଛି । ସରକାରୀ ବାବୁମାନେ ପିଲାମାନଙ୍କୁ କ୍ଷୀର ବାଣ୍ଟୁଛନ୍ତି । ନିଜର ସାଙ୍ଗପିଲାମାନଙ୍କୁ ଦେଖି ସେ ମଧ ଲାଇନ୍‌ରେ ଠିଆ ହେଲା । ନଜର ଦେଲା ତା'ପାଳି ପଡ଼ିଲାବେଳକୁ ଘଣ୍ଟାଏ ପରେ ହେବ । ତଥାପି ମନରେ ଆନନ୍ଦ ଥାଏ ଆଜି କ୍ଷୀର ପିଇବ । ହୋଟେଲକୁ କ୍ଷୀର ଆସେ, କିନ୍ତୁ ସେ କେବେ ପିଇବାର ସୁଯୋଗ ପାଇନି । କ୍ଷୀର ବାସନ ମାଜିଲାବେଳେ ପୋଡ଼ିଯାଇଥିବା କ୍ଷୀର କୋରୁଅତକ ଖପରାରେ ରାମ୍ପି ଖାଇଥିଲା । ସେତକ ଭାରି ମିଠା ଲାଗୁଥିଲା । କ୍ଷୀର କେତେ ମିଠା ହୋଇ ନଥିବ, ତାହା ଚାଖିବ ବୋଲି ଭାବି ମନେ ମନେ ଭାରି ଖୁସି ହେଲା । ପାଖରେ ତା'ର ଗିନା କି ଗ୍ଲାସ କିଛି ନଥାଏ । ମନେ ମନେ ଚିନ୍ତା କଲା ହୋଟେଲ ପଛପାଖେ ଗୋଟାଏ ଭଙ୍ଗା ବାସନମଜା ତାଟିଆ ପଡିଥିଲା । ଏତିକିରେ ଲାଇନ୍‌ରୁ ବାହାରିଆସି ଦୌଡ଼ିଲା ହୋଟେଲ ଆଡ଼କୁ । ହୋଟେଲ ପଛପାକୁ ଖଣ୍ଡିଆ ବାସନ ମଜା ତାଟିଆଟିକୁ ଆଣି ଲାଇନ୍‌ରେ ଠିଆ ହେଲା । ସେ ଦେଖିଲା ତା' ସିରିଏଲ ସବା ପଛରେ । ଗୋଟିଏ ପରେ ଗୋଟିଏ ପିଲା କ୍ଷୀର ନେଇଯାଉଥାଆନ୍ତି । ତା'ର ନମ୍ବର କମି କମି ଆସୁଥାଏ । ଶେଷକୁ ତା'ନମ୍ବର ପଡିଲା । କ୍ଷୀର ଦେଉଥିବା ବାବୁଜଣଙ୍କ ହରିଶର ନାମ ପଚାରିଲା । ସେ ନିଜ ନାଁଟା କହିଲା । ବାପା ନାଁଟା ପଚାରିବା ବେଳକୁ ତା କାନମୁଣ୍ଡା ଭେଁ ଭେଁ ହୋଇଗଲା । ବାବୁଜଣକ ବିରକ୍ତ ହୋଇ କହିଲା - ଶଳା ବୋପା ନା ଭୁଲିଯାଇଛୁ । ଯାବେ ତୋ ମା'କୁ ପଚାରି ଆସିବୁ । ଆସିଛି କ୍ଷୀର ପିଇବାକୁ ।

ହଠାତ୍ କେହି ଜଣେ ଲୋକ ଗହଳି ଭିତରୁ ଚାଲି ଆସି କହିଲା - ମୁଁ ତାର ବା । ମୋ ନା ରବି । ତା ପରେ ବାବୁ ଜଣଙ୍କ ତାକୁ କ୍ଷୀର ଦେଲା । କ୍ଷୀରତକ ପିଇବା ପୂର୍ବରୁ ଅଧିକ କ୍ଷୀର ତାଟିଆର କଣାବାଟେ ବୋହିଯାଉଥାଏ । ଯେତେ ଚେଷ୍ଟା କଲେ ବି କ୍ଷୀର ରହୁ ନଥାଏ । କିନ୍ତୁ ଭାରି ମିଠା ଲାଗୁଥାଏ । ତାଟିଆଟାକୁ ଶେଷରେ ମନ ଭରି ଚାଟିବାକୁ ଲାଗିଲା ସେ । ତାଟିଆର ଖଣ୍ଡିଆ ଅଂଶରେ ତା'ର ଜିଭଟା ଚଟକିନା କଟିଗଲା । ରକ୍ତ ବୋହିଲା । ତଥାପି ତା'ର ଜିଭ କଟିଯିବା ପ୍ରତି ନିଘା ନଥାଏ । ଓଟ ଯେଭଳି ଭୋକ ବିକଳରେ କାଣ୍ଟାଶିଳୁକୁ ଚୋବାଇ ଚାଲିଥାଏ, ତା' ଅବସ୍ଥା ଠିକ୍ ସେହିପରି ।

ହରିଶ ଦେଖିଲା ତା' ସାଙ୍ଗମାନେ ପୁଣି ଲାଇନ୍ କରି କ୍ଷୀର ଆଣୁଛନ୍ତି । ସେ ଚିନ୍ତା କଲା ପୁଣି ଲାଇନ୍‌ରେ ଠିଆ ହୋଇ କ୍ଷୀର ଆଣିବ । ମନେ ମନେ ଭାବୁଥାଏ ଏମିତି ଯଦି ସବୁବେଳେ କ୍ଷୀର ମିଳନ୍ତା ତେବେ ହୋଟେଲରେ ବାସନ ମାଜିବାକୁ ପଡ଼ନ୍ତାନି । ତା ପେଷ୍ଟ୍ ଅଣ୍ଟାରୁ ଖସି ଯାଆନ୍ତାନି । ହେଲେ ବେଳେ ବେଳେ ମିଳୁଛି । ତାହା ତିନି ଚାରିମାସରେ ଥରେ । ଏଥର ଭାବିଲା ତାଟିଆର ଖଣ୍ଡିଆ ଅଂଶକୁ ପିଚୁ ଆଣି ମାରିଦେବ, ସେଇଆ କଲା । ରାସ୍ତାକଡ଼ରେ ପଡ଼ିଥିବା ତରଳ ପିଚୁ ଆଣି ତାଟିଆର ଖଣ୍ଡିଆ ଅଂଶକୁ ମୁଦି ଦେଲା । ଲାଇନ୍‌ରେ ଠିଆ ହେଲା । କିଛି ସମୟ ପରେ ସେଇ ଏକା ପ୍ରଶ୍ନ । ତା'ର ବାପା ନା ପଚାରିଲା ବେଳକୁ ସେ ଲୋକ ଗହଳିକୁ ଚାହିଁ ରହିଥାଏ । ଏବେ କାହିଁକି କେହି ତା'ର ବାପାର ପରିଚୟ ଦେଉ ନାହାନ୍ତି । ବାବୁଜଣକ କ'ଣ ଭାବିଲା କେଜାଣି ଧଡ଼୍କିନା କ୍ଷୀର ବାଣ୍ଟୁଥିବା ଡଙ୍କିଟାରେ ଦି ପାହାର ତା ପିଠିକୁ ଲଦି ଦେଲା । ଧକ୍କା ଦେଇ ଲାଇନରୁ ବାହାର କରିଦେଲା । ମନେ ମନେ ଚିନ୍ତାକଲା "ବାପା ନାଁ ଟା କହି ପାରିଲାନି ବୋଲି ବାବୁ ଜଣକ ଧକ୍କା ମାରି ବାହାର କରିଦେଲା ।"

ଏହି ସମୟରେ କୁକୁରଟା ଆସି ତା'ଗୋଡ଼ ଚାଟିବାକୁ ଲାଗିଲା । ହରିଶ୍ ଆଖିରୁ ଲୁହ ଗଡ଼ିଚାଲିଥାଏ । କୁକୁରଟା କ'ଣ ଭାବିଲା କେଜାଣି କାନ୍ଦିବାକୁ ଲାଗିଲା । ସେ ମନ ଦୃଢ଼ କରି ବାବୁ ପାଖକୁ ଗଲା । ସେଠି ଯାଇ କହିଲା - ଏ କୁକୁର ମୋର ବାପ ।

ସେଠାରେ ଥିବା ବାବୁମାନେ ଥଟ୍ଟା କରି ହସିବାକୁ ଲାଗିଲେ । କୁକୁରଟା ବାବୁମାନଙ୍କର ବିକଟାଳ ହସର ପ୍ରତିବାଦରେ ଭୁକିବାକୁ ଲାଗିଲା । କିଏ ଜଣେ ଥିଲା କୁକୁରଟାକୁ ଦି'ପାହାର ଠେଙ୍ଗାରେ ପିଟିଦେଲା । କୁକୁରଟା ତା' ଆଡ଼କୁ ଝୁଣି ଦେବାପାଇଁ ଦୌଡ଼ିଗଲା । ଏହା ଦେଖି ଦୁଇ ଚାରିଜଣ ମିଶି କୁକୁରକୁ ନିସ୍ତୁକ ପିଟିଲେ । ତା' ପରେ ପିଟାଳିଙ୍କ ସଂଖ୍ୟା ବଢ଼ିଚାଲିଲା । ହରିଶ୍ ଯେତେ ନେହୁରା ହୋଇ ବାବୁମାନଙ୍କୁ କୁକୁରକୁ ପିଟିବା ପାଇଁ ମନାକରୁଥାଏ ସେମାନେ କିନ୍ତୁ ଅଭିମନ୍ୟୁକୁ ସପ୍ତରଥି ଘେରିଲା ପରି ପିଟି ଚାଲିଥାଆନ୍ତି । ତା'ପରେ ସମସ୍ତେ ଚାଲିଗଲେ । ମଲା କୁକୁରଟାକୁ ଧରି କାନ୍ଦୁଥାଏ ବିଚରା ହରିଶ୍ । ରାତି ତମାମ୍ ସେଇଠି ସେମିତି ହରିଶ ଓ କୁକୁର ପଡ଼ିରହିଥାଆନ୍ତି । ତା ପର ଦିନ ସକାଳୁ ମୁନସିପାଲିଟ୍ ଲୋକ ଆସି ତା' ଠେଲା ଗାଡ଼ିରେ କୁକୁରଟାକୁ ବୁହାଇ ନେଇ ଚାଲିଗଲେ । ଦେଖିବାକୁ ମିଳିଲା ଖଣ୍ଡେ ଦୂରରୁ ପୋଲିସ୍ ଭ୍ୟାନ୍ ସାଇରନ୍ ଦେଇ ମାଡ଼ିଆସୁଥିବାର ।

ପ୍ରଫେସର, ଡ୍ରିମ୍‌ସ କଲେଜ, ଟାଙ୍ଗୀ, କଟକ

# ମଉଳା ଫୁଲର ବାସ୍ନା

- ମହେନ୍ଦ୍ର ବିଶ୍ୱାଳ

ଚାଙ୍ଗୁଡ଼ାଏ ମଲ୍ଲିଫୁଲ ତୋଳି ସଅଳ ସଅଳ ମନ୍ଦିରକୁ ବାହାରିଥାଏ ବିନୋଦିନୀ । ଫୁଲର ବାସ୍ନାରେ ଚାରିଆଡ଼େ ମହକି ଉଠୁଥାଏ । ମନେ ହେଉଥାଏ ଫୁଲଗୁଡ଼ିକ ଈଶ୍ୱର ପ୍ରାପ୍ତିର ମୂଳହେତୁ । ମନ୍ଦିରରେ ନନା ଧୂପଦୀପ ଦେବା ଆଗରୁ ଫୁଲ ନେଇ ପହଞ୍ଚିଗଲେ ଫୁଲ ଲାଗି ହେବ । ସେ ଫୁଲର ମାଳାଟିକୁ ମନଦେଇ ଗୁନ୍ଥିଥାଏ । ବୟସ କୋଡ଼ିଏ । ଚଗଲି ଯୋଗୁଁ ବହୁବାର ବାପା, ମା' ସାଇପଡ଼ିଶାଙ୍କ ଠାରୁ ଗାଳି ଶୁଣିଛି । ଗାଳିକୁ ଚନ୍ଦନ ଭଳି ଲେପି ଚାଲିଛି ସବୁଦିନ । ସକାଳ ହେବା ବେଳକୁ କାହାବାଡ଼ିରେ ଫୁଲ ନଥାଏ, ସମସ୍ତେ ସେଥିପାଇଁ ଗାଳି ଦିଅନ୍ତି । ସେ ଭାବି ନେଇଛି, ଫୁଲ ତ ଫୁଟେ ଈଶ୍ୱରଙ୍କ ପାଇଁ । ମନ୍ଦିରର ନନା ତା' ଉପରେ ବେଶ୍ ଖୁସି । ସବୁ ସମୟରେ ତା'ର ସଜଫୁଲରେ ଠାକୁର ଉଜ୍ଜ୍ୱଳ ଦେଖାଯାଆନ୍ତି । ଫୁଲତକ ମନ୍ଦିରରେ ଦେଇ ଘରକୁ ଫେରିଛି ବିନୋଦିନୀ । ଘରେ ସମସ୍ତେ ବ୍ୟସ୍ତ । ଘରର ବ୍ୟସ୍ତତା ଦେଖି ବିନୋଦିନୀ ନିଜ ସାନଭଉଣୀ ସରୋଜିନୀକୁ ପଚାରିଲା - ଘରେ ଏଭଳି ବ୍ୟସ୍ତ କାହିଁକି ?

– ତୁମରି ପାଇଁ !

– ମୋ ପାଇଁ !

– ହଁ, ତୁମକୁ ଆଜି ଦେଖିବାକୁ ଆସିବେ ।

ଏଇ ପଦକ କଥା ବିନୋଦିନୀ ସାନଭଉଣୀଠାରୁ ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । ମନେ ମନେ ଚିନ୍ତାକଲା, ଏ କ'ଣ ମୋତେ ନ ପଚାରି ଏଭଳି ନିଷ୍ପତ୍ତି ନେବା ଠିକ୍ ନୁହେଁ । ବିନୋଦିନୀର ବ୍ୟସ୍ତତା ଦେଖି ସାନଭଉଣୀର ଖୁସି ହଠାତ୍ ଦବିଗଲା । ସାନ ଭଉଣୀ, ବିନୋଦିନୀକୁ ଦୁଃଖର କାରଣ ପଚାରିବାରୁ ସେ କିଛି ନ କହି କେବଳ ଦୁଇଟୋପା ଲୁହ ଗଡ଼ାଇଲା । ସେତେଯେପରି ବହୁଦିନରୁ ଲୁହଗୁଡ଼ାକ ବରଫଭଳି ଜମାଟ ବାନ୍ଧିଥିଲା । ପାଖରେ ପଡ଼ିଥିବା ଚେୟାର ଉପରେ ଲଥିକିନା ବସିପଡ଼ିଲା ବିନୋଦିନୀ । ମନ୍ଦିରରୁ ଆସିଥିବା ଖୁସି ଚେହେରାଟା କେମିତି ମଉଳିଯିବା ପରି ଦେଖାଗଲା । କ'ଣ ଭାବିଲା କେଜାଣିସେ କହିଲା - ଆଚ୍ଛା ସରୋଜିନୀ ! ଈଶ୍ୱରଙ୍କ ପାଇଁ ମଉଳା ଫୁଲ କ'ଣ ଯୋଗ୍ୟ ?

- ନା ! ଏହା ଅସମ୍ଭବ । ଈଶ୍ୱର ସଜଫୁଲରେ ପୂଜା ପାଆନ୍ତି । ସଜ ଫୁଲରେ ସୁଗନ୍ଧରେ ମନ୍ଦିର ପୂରିଉଠେ ।

– ତେବେ

– ତୁମେ କ'ଣ କହୁଛ ମୁଁ ବୁଝି ପାରୁନି ।

ବିନୋଦିନୀ ନିଜ ମନ ମଧ୍ୟରେ ବହୁଦିନରୁ ଚାପିରଖିଥିବା ନିଜର ଦୁଃଖକୁ ଅଟକାଇ ପାରିଲାନି । ମନେ ହେଉଥାଏ ପୁରିଲାନଦୀ ବନ୍ଧବାଡ଼ ଭାଙ୍ଗି ସବୁ କିଛି କ୍ଷତି କରିଚାଲିବ । ଶେଷକୁ ସେ ସରୋଜିନୀର ବାଧ୍ୟ ବାଧକତାରେ ନିଜ ଜୀବନର ସଜଫୁଟା ବୟସର କଥା କହି ଚାଲିଲା ।

ସବୁଦିନ ଭଳି ବେଶ୍ ଚଳଚଞ୍ଚଳ ଥାଏ ବିନୋଦିନୀ । ନବମ ଶ୍ରେଣୀରେ ପଢୁଥାଏ । ଭଲ ପଢ଼େ ବୋଲି ସ୍କୁଲ ଓ ପରିବାରରେ ସମସ୍ତେ ଆଦର କରନ୍ତି । ସ୍କୁଲର ଗଣିତ ଶିକ୍ଷକ ଚନ୍ଦନ ସାର୍ ତାକୁ ଅଧିକ ଆଦର କରନ୍ତି । କାରଣ ସେ ଭଲ ନମ୍ବର ରଖି ଶ୍ରେଣୀରେ ପ୍ରଥମ ହୁଏ । ସେ ଚନ୍ଦନ ସାର୍‌ଙ୍କ ପାଖକୁ ଟ୍ୟୁସନ ହେବାକୁ ଯାଏ । ସବୁ ପିଲାମାନଙ୍କ ମଧ୍ୟରୁ ତାକୁ ସାର୍ ଭଲ ପାଉଥବାରୁ, ବିନୋଦିନୀ ଅନ୍ୟ ପିଲାମାନଙ୍କର ଥଟ୍ଟା, ମଜାର ଶିକାର ହୋଇଛି ବହୁତ ଥର । କିନ୍ତୁ ସେସବୁ ପ୍ରତି ତା'ର ଖାତିର ନଥାଏ । ପାଠ ପଢ଼ା ଉପରେ ସେ ଗୁରୁତ୍ୱ ଦିଏ । ସରଳ, ନିଷ୍ପାପ ହୃଦୟୀ ବିନୋଦିନୀ, ଚନ୍ଦନ ସାର୍‌ଙ୍କୁ ଈଶ୍ୱରଙ୍କ ଭଳି ଭକ୍ତି କରିଥାଏ । ସେ ଦିନଥାଏ ପୂର୍ଣ୍ଣିମା । ହଠାତ୍ କେଉଁ ଆଡୁ ଖଣ୍ଡେ କଳା ବାଦଲ ନୀଳ ଆକାଶ ଉପରେ ଲଦି ହୋଇଯାଇ ଅଣନିଃଶ୍ୱାସୀ କରି ପକାଇଲା । ତୁହାକୁ ତୁହା

ଗାଜି ପକାଇଲା ବର୍ଷା । ସମ୍ପୂର୍ଣ୍ଣ ଭିଜିଯାଇଥାଏ । ବର୍ଷାହେବାରୁ ଅନ୍ୟ ପିଲାମାନଙ୍କର ଦେଖା ନଥାଏ, ସେ ଯାଇ କବାଟ ଠକ୍ ଠକ୍ କରିବାରୁ ଚନ୍ଦନ ସାର୍ କବାଟ ଖୋଲିଲେ, ବିନୋଦିନୀ ଘର ଭିତରକୁ ପଶିଆସିଲା । ତା'ର ବର୍ଷାଭିଜା ଚେହେରା ଦେଖି ଚନ୍ଦନ ସାର୍ ନିଜର ଆସୁରିକ ପ୍ରବୃତ୍ତି କୁ ଲଗାମ୍ ଦେଇପାରି ନଥିଲେ ।

ଏଇ କେଇପଦ କଥା କହି ତା' ଆଖିରୁ ଲୁହ ବୁନ୍ଦାଗୁଡ଼ାକ ଝରି ଚାଲିଥାଏ । ସାନ ଭଉଣୀ ମଧ ଝଡ଼ ଚାଲିଯିବା ପରେ ବୃକ୍ଷର ସ୍ଥିତିପରି ଠିଆ ହୋଇଥାଏ । ସାନ ଭଉଣୀ ବୁଝାଇଚାଲିଲା, କିନ୍ତୁ ବିନୋଦିନୀ ବିବାହ ପାଇଁ ରାଜି ହେଲା ନାହିଁ । ସେ ଚିନ୍ତା କଲା ଯଦି ଏ ବିବାହ ପ୍ରସ୍ତାବକୁ ମନା କରିଦିଏ, ତେବେ ବାପା, ମା'ଙ୍କ ମନରେ ଦୁଃଖ ଆସିବ । ଶେଷରେ ବାଧହୋଇ ହଁ କଲା ।

ଦେଖିବାପାଇଁ ସେଦିନ ପୁଅ ଆସିବାର ଥାଏ । ଘରେ ବାପା, ମା'ଙ୍କ ଗୋଡ଼ ତଳେ ପଡୁ ନଥାଏ । ନ ହେବ କିପରି, ବଢ଼ିଲାଝିଅ ଯେତେ ଶୀଘ୍ର ଘର ସଂସାର କରିବ ! ବାପା, ମା'ଙ୍କର ଶାନ୍ତି । ନ ହେଲେ ଗାଆଁରେ ଟୁପୁର ଟାପର । ବିଭିନ୍ନ ରକମର ଖାଦ୍ୟ ପଦାର୍ଥ ଦ୍ୱାରା ପ୍ଲେଟଟି ସଜ୍ଜିତ ହୋଇଥାଏ । ପୁଅ ଓ ତା'ବନ୍ଧୁ କିଛି ଖାଦ୍ୟ ଖାଇଲା ପରେ ବିନୋଦିନୀ ଘର ଭିତରକୁ ଆସିଲା । ପୁଅ ପ୍ରଦୀପ, ବିନୋଦିନୀଙ୍କୁ ନିଜର ନାମ, ଜନ୍ମତାରିଖ ଏବଂ ଶିକ୍ଷାଗତ ଯୋଗ୍ୟତା ପଚାରିବା ପରେ ବିନୋଦିନୀକୁ ପଚାରିବା ପାଇଁ କହିଲେ । ପ୍ରଦୀପ୍ ଓ.ଏ.ଏସ୍. ଅଫିସର । ବିନୋଦିନୀ ବିଷୟରେ ପୂର୍ବରୁ ଶୁଣିଛି । ଭଲପିଲା, ଗୋଟଏ ଚାଉଳରେ ଗଢ଼ା । କିନ୍ତୁ ବିନୋଦିନୀ ମଧ୍ୟରେ ଅତୀତର ସ୍ମୃତି ନାଗସାପଭଳି ଦଂଶିବାର ଲାଗିଥାଏ । ନିଜର କୋହ ସମ୍ଭାଳି ନ ପାରି କହିଲା - ଆଜ୍ଞା ! ମଉଳା ଫୁଲର କ'ଣ ବାସ୍ନା ଥାଏ ।

ବିନୋଦିନୀର ଏ ପଦକ କଥା ଶୁଣି ପ୍ରଦୀପ୍ ଆଶ୍ଚର୍ଯ୍ୟ ହୋଇଗଲା । ସେ ମନେ ମନେ ଚିନ୍ତା କରୁଥାଏ ଝିଅଟି ନିଜର ଅତୀତର କଳଙ୍କିତ ଅଧ୍ୟାୟକୁ ମଧ ପ୍ରକାଶ କରିବାକୁ ପଛାଉ ନାହିଁ । ଅପର ପାର୍ଶ୍ୱରେ ନିଜର ଯୁବକପଣିଆ ଧିକ୍କାର କରୁଥାଏ" ଇସ୍ ଏଟା - କଳଙ୍କିନୀ ।" ଶେଷରେ ପ୍ରଦୀପ୍ ଉତ୍ତର ଦେଲା - ମଉଳା ଫୁଲରେ ସମସ୍ତ ପର୍ଫୁମ୍ ତିଆରି ହୋଇଥାଏ ଜାଣନ୍ତି । ତା'ର ମହକ କେତେ ପବିତ୍ର ।

ତା'ପରେ ପ୍ରଦୀପ୍ ଏବଂ ତାଙ୍କର ବନ୍ଧୁ ଚାଲିଯାଆନ୍ତି । ଶେଷରେ ପ୍ରଦୀପ୍, ବିନୋଦିନୀଙ୍କୁ ବିବାହ ପାଇଁ ନିଜ ବାପା, ମା'ଙ୍କୁ କହିଥାଏ । ବିବାହ ଦିନ ସ୍ଥିର ହୁଏ । ବହୁ ଜାକଜମକରେ ବିବାହ ଶେଷ ହୋଇ ବିନୋଦିନୀ, ପ୍ରଦୀପ ଘରକୁ ବୋହୂହୋଇ ଯାଏ; କିନ୍ତୁ ତା'ମନରେ ସବୁବେଳେ ଭୟ । ପ୍ରଦୀପ୍ ତାକୁ ଅଧାବାଟରେ ଧୋକ୍କା ଦେବନି ତ ! ଦିନେ ହଠାତ୍ ପ୍ରଦୀପ୍ କହିଲେ - ତୁମକୁ ଯେଉଁଦିନ ଦେଖିବାକୁ ଯାଇଥିଲି ତୁମର ଯେଉଁ ପ୍ରଶ୍ନଥିଲା, ସେ ବିଷୟରେ ଘରକୁ ଆସି ଅନେକ ଚିନ୍ତାକଲି । କିନ୍ତୁ ତୁମର ସ୍ୱଷ୍ଟବାଦିତା ମୋତେ ବେଶ୍ ଭଲ ଲାଗିଥିଲା ।

ବିନୋଦିନୀ ଲାଜେଇ ଯାଇ କହିଲା - ତମକୁ ଶତ ଧନ୍ୟବାଦ ! କାରଣ ମୁଁ ଚାହୁଁ ନଥିଲି ମିଥ୍ୟାର ବୋଝ ନେଇ ତୁମ ସହ ଘର ସଂସାର କରିବି ।

ବିନୋଦିନୀର କାର୍ଯ୍ୟକଳାପରେ ଜଣେ ସୁଗୃହିଣୀର ଭାବନା ବାରି ହୋଇ ଯାଉଥାଏ । ପରିବାରର ସମସ୍ତେ ପ୍ରଶଂସା ଅଜାଡ଼ି ଦେଉଥାଆନ୍ତି । ମନେ ହେଉଥାଏ ପ୍ରଦୀପ ପରିବାରଟି ବସନ୍ତ ଋତୁର ନାନା ଫୁଲର ସୁରଭିରେ ବେଶ୍ ସୁବାସିତ । ଖୁସିରେ ପରିବାରଟି ହସି ଉଠୁଥିବାବେଳେ ପ୍ରଦୀପଙ୍କ ଶରୀର ଅସୁସ୍ଥ ହୋଇଉଠେ । ଅଫିସ୍‌ର କାର୍ଯ୍ୟଭାରରେ ଠିକ୍ ରୂପେ ଖିଆପିଆ ନଥାଏ । ଡାକ୍ତର ଚିକିତ୍ସା କଲା ପରେ ଦେଖିଲେ ତାଙ୍କର ଦୁଇଟାଯାକ କିଡ୍‌ନୀର ସତୁରି ଭାଗ ନଷ୍ଟ ହୋଇଯାଇଛି । ହଠାତ୍ ହସ ଖୁସିରେ ନିର୍ମଳ ଆକାଶରେ ଦୁଃଖର କଳାବାଦଲ ଢ଼ାଙ୍କିଦେଲା । ପରିବାରର ସମସ୍ତଙ୍କ ମନ, ଦୁଃଖରେ ଭାଙ୍ଗିପଡ଼ିଲା । ଘରେ ଖିଆପିଆ ନ ଥାଏ । ଈଶ୍ୱରଙ୍କ ପାଖରେ ବିନୋଦିନୀ ନେହୁରା ହୋଇ ପ୍ରଦୀପଙ୍କ ଶରୀର ସୁସ୍ଥତା ପାଇଁ ଦିନରାତି ପୂଜା କରିଚାଲିଲା । ପ୍ରଦୀପଙ୍କର ଡାଇଲେସିସ୍ ଚାଲିଥାଏ । ଶେଷରେ ଡାକ୍ତର କହିଲେ କିଡ୍‌ନୀ ନିହାତି ଦରକାର । ଏହା ଶୁଣି ସମସ୍ତେ ଧୈର୍ଯ୍ୟହରା ହୋଇପଡ଼ିଲେ । ପ୍ରଦୀପଙ୍କ ବାପା କହିଲେ "ମୁଁ କିଡ୍‌ନୀ ଦେବି" । ପ୍ରଦୀପ କିନ୍ତୁ ମନା କରିଥିଲେ । ସେ କହିଲେ -

ନା, ବାପା ! ତୁମେ ଏ ବୟସରେ କିଡ୍‌ନୀ ଦେବ, ମୁ ତୁମର ଋଣ ସୁଝିବା କଥା । ମୁଁ ବା ଆଉ କେତେଦିନ ବଞ୍ଚି ବି । କିଡ୍‌ନୀ ନେଇ ଲାଭ କ'ଣ ?

କିଡ୍‌ନୀ ଖୋଜା ଚାଲିଲା । ବିଭିନ୍ନ ସମ୍ବାଦପତ୍ରରେ କିଡ୍‌ନୀ ପାଇଁ ବିଜ୍ଞପ୍ତି ଦିଆଗଲା । ଏ ସମସ୍ତ ଦେଖି ବିନୋଦିନୀ କେବଳ ଲୁହ ଗଡ଼ାଇ ଚାଲିଥାଏ । ଦିନେ ବିନୋଦିନୀ ଯାଇ ଡାକ୍ତରଙ୍କୁ ଭେଟି ପ୍ରଦୀପଙ୍କ ବିଷୟରେ କଥା ହେଲା । ହଠାତ୍ ସେହି ଦିନଠାରୁ ଦେଖିବାକୁ ମିଳିଲା ବିନୋଦିନୀଙ୍କ ଅନୁପସ୍ଥିତି । ପ୍ରଦୀପଙ୍କ ବାପା, ମା' ବୋହୂର ଅନୁପସ୍ଥିତିରେ ଭାଙ୍ଗିପଡ଼ିଲେ । ମନେ ମନେ ଚିନ୍ତାକଲେ ଏଭଳି ସମୟରେ ଆମକୁ ଛାଡ଼ି ଚାଲିଯିବା ଠିକ୍ ହେଲାନି । କିନ୍ତୁ ପ୍ରଦୀପ କହିଲା - ସେ ବରଂ ଭଲ କରିଛି । ମୃତ୍ୟୁକୁ ଅପେକ୍ଷା କରିଥିବା ଜୀଅନ୍ତା ଶବ ଠୁ କ'ଣ ପାଇବ ? ସେ ନୂଆ ଘର ସଂସାର କରି ଜୀବନ ବିତାଇଲେ ମୋ ଆତ୍ମା ଶାନ୍ତି ପାଇବ ।

ସମୟ ଗଡ଼ି ଚାଲିଥାଏ । ପ୍ରଦୀପର ପରିବାର କେବଳ ବିକଳ ହୋଇ ବିଭିନ୍ନ ଅନୁଷ୍ଠାନର ଦ୍ୱାରସ୍ଥ ହୁଅନ୍ତି କିଡ୍‌ନୀ ପାଇଁ । କିନ୍ତୁ ସବୁଠାରେ ନାସ୍ତିବାଣୀ ଶୁଣି ଅଧିକ ଭାଙ୍ଗି ପଡ଼ନ୍ତି । ଏ ସମୟରେ ଡାକ୍ତରଙ୍କ ଅଭୟବାଣୀ ପରିବାରରେ ଖୁସି ନେଇ ଆସିଥିଲା । ଡାକ୍ତରଙ୍କ କହିବା ଅନୁସାରେ ଜଣେ ଭଦ୍ରବ୍ୟକ୍ତି କିଡ୍‌ନୀ ଦେବା ପାଇଁ ରାଜି ଅଛନ୍ତି । ଦୁଇଦିନ ପରେ ଅପରେସନ୍ ମାଧ୍ୟମରେ ପ୍ରଦୀପଙ୍କ ଶରୀରରେ କିଡ୍‌ନୀ ରୋପଣ କରାଗଲା । ପ୍ରଦୀପ ଧୀରେ ଧୀରେ ସୁସ୍ଥ ଅନୁଭବ କଲେ । ଅଫିସ ଯିବା ପାଇଁ ଶରୀର ଠିକ୍ ହୋଇଗଲା । କିନ୍ତୁ ପ୍ରଦୀପ ଡାକ୍ତରଙ୍କୁ ଗୋଟିଏ ପ୍ରଶ୍ନ ପଚାରନ୍ତି - ଯେଉଁ ସହୃଦୟ ବ୍ୟକ୍ତିଜଣଙ୍କ ନିଜ ଜୀବନ ସହ ବାଜି ଲଗାଇ ମୋତେ ବଞ୍ଚାଇ ପାରିଲେ ତାଙ୍କୁ ମୁଁ ଟିକେ ଦେଖନ୍ତି । ତାଙ୍କର ଯେତେ ପଇସା ଦରକାର ମୁଁ ଦେବି ।

ଡାକ୍ତରବାବୁ ପ୍ରଦୀପଙ୍କ ଏ ପ୍ରଶ୍ନରେ ଉତ୍ତର ଦିଅନ୍ତି ।

– ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁନି । ସେ ବର୍ତ୍ତମାନ ଚିକିତ୍ସାଧୀନ । ଭଲ ହୋଇଗଲେ ଆପଣାଛାଏଁ ଦେଖା ମିଳି ଯିବନି କିନ୍ତୁ ବର୍ତ୍ତମାନ ତାଙ୍କ ନିକଟକୁ ଯିବା ଅସମ୍ଭବ ।

ପ୍ରଦୀପ୍ ଡାକ୍ତରଙ୍କ ଠାରୁ ଏ ସମସ୍ତ ଶୁଣି ନିଜ ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି । ପ୍ରତିଦିନ ସନ୍ଧ୍ୟାରେ ଡାକ୍ତରଙ୍କ ପାଖରେ ଡୋନର୍‌ର ଦେହ ବିଷୟରେ ବୁଝିଥାଆନ୍ତି । କିନ୍ତୁ ହଠାତ୍ ଦିନେ ଡାକ୍ତର କହିଲେ ।

– ଆଇ ଆମ ଭେରି ସରି ! ମୁଁ କିଡ୍‌ନୀ ଡୋନରକୁ ବଞ୍ଚାଇ ପାରିଲି ନାହିଁ ।

ଡାକ୍ତରଙ୍କ ଠାରୁ ଏହା ଶୁଣି ପ୍ରଦୀପ ଦୁଃଖରେ ଭାଙ୍ଗିପଡ଼ିଲେ । ଧଳା ଲୁଗା ଢ଼ଙ୍କା ଯାଇଥିବା ଶବଟିକୁ ଦେଖି ପ୍ରଦୀପ ହତବାକ୍ ହୋଇଯାଇଥିଲେ । ପାଗଳ ପ୍ରାୟ ହୋଇ କାନ୍ଦିବାକୁ ଲାଗିଲେ । ସେ ଅନୁଭବ କରୁଥାଆନ୍ତି ମଉଳା ଫୁଲର ବାସ୍ନାରେ ଘର ଭିତରର ମହକ ।

ଏମରାଲ୍ଡ ଏଜୁକେସନ୍, ସୂର୍ଯ୍ୟାଲୋକ ଲେନ୍, ଚଣ୍ଡିଛକ, କଟକ

❑ ❑ ❑

# ନିସ୍ତବ୍ଧ ଗୋଧୂଳି

ସମ୍ଭବୀ ସିଂହ

ଚାରିଆଡ ନିସ୍ତବ୍ଧ । ପାହାନ୍ତା ହେବାରେ ଲାଗିଛି ରାତି । ନୀରବରେ ଲୁହ ଗଡ଼ାଇ ଚାଲିଛି ପ୍ରିୟଙ୍କା । ବାରମ୍ବାର ବେଡ୍‌ରୁ ଉଠିପଡ଼ି ବାହାରକୁ ଚାହୁଁଛି । ଦେଖୁଛି କେବଳ ରାତିର ନୀରବତା । ଏଭଳି ଅନେକ ଦିନ ବିତାଇ ଆସିଛି । ନିଜର ଯୌବନ ସମୟରେ ଯେଉଁ ଭାବନାକୁ ନେଇ ବେଶ୍ ଖୁସିଥିଲା । ତାହା କେମିତି ଏଇ ପାଞ୍ଚ ବର୍ଷ ହେଲା ହଜିଯାଇଛି । ଅବିବାହିତା ସମୟର ସପ୍ନ ଏବଂ ବିବାହିତା ସମୟର ବାସ୍ତବତାକୁ ନେଇ ଅନେକ ରାତି ଏକା ଏକା ବସି ହିସାବ କରିଛି । ଦେଖିଛି ସବୁ କିଛି ଯେମିତି ଅଡୁଆ ସୂତାରୁ ଖିଅ କାଢ଼ିବା ଦୂରୁହ ବ୍ୟାପାର ଅଟେ । ତା ଜୀବନଟା ସେମିତି ତଥାପି ଧର୍ଯ୍ୟ ଧରି ବସିଛି । ସୂତା ଖିଅର ଅପେକ୍ଷାରେ । ସଜାଡ଼ିବାର ଅହଂକାର ବେଳେବେଳେ ତାକୁ ଶକ୍ତି ଯୋଗାଇଛି । ହଠାତ୍ ଝରକା ଖଡ୍ ଖଡ୍ ଶବ୍ଦ ଶୁଣିବାକୁ ମିଳିଲା । ତରବର ହୋଇ ନିଜକୁ ସଜାଇଦେଇ କବାଟ ଖୋଲିବାକୁ ଚାଲିଗଲା । ତା'ର ସଜାଇ ହେବାର ଥାଏ, ନୂଆକରି ବାସର ରାତିରେ ଅଜଣା ପୁରୁଷକୁ ନିଜର କରିବାର ଅଭିପ୍ସା । ଶେଷରେ କବାଟ ଖୋଲିଛି । କବାଟ ଖୋଲିବାରୁ ମଦର ବାସ୍ନା ଘରଭିତରକୁ ଶାସନ କରିବାକୁ ଆଗଭର ହୋଇଛି । ଯଦିଓ ବାସ୍ନାଟା ଉତ୍କଟ, ତଥାପି ମନର ପୁରୁଷର ଅବସ୍ଥିତି ସେ ସମସ୍ତକୁ ଭୁଲିବାକୁ ବାଧ ହୋଇଛି । ଘରକୁ ଶୀଘ୍ର ଶୀଘ୍ର ଆସିବାକୁ ହରିଶ୍‌କୁ ନେଇ ଆସିଛି, କାରଣ ଘର ଲୋକ ଯେମିତି ଏ ସମସ୍ତ ନ ଜାଣନ୍ତୁ । ଜାଣିଲେ ନିଜପୁଅ ପ୍ରତିଥିବା ଅଗାଢ଼ ବିଶ୍ୱାସର ହତ୍ୟାହେବ । ଏ ସମୟରେ ହଠାତ୍ ହରିଶ୍ କହିଚାଲେ -

– କ'ଣ ସତୀ ସାବିତ୍ରୀ, ପତିଦେବତାଙ୍କ ପାଇଁ ଅପେକ୍ଷା କରିଛ, ନା ଅନ୍ୟ କେଉଁ ପୁରୁଷର ଅପେକ୍ଷାରେ ରାତି କାଟୁଛ । ନାରୀ ପକ୍ଷେ ଏହା ଅସମ୍ଭବ ନୁହେଁ ।

– ତୁମେ ଶୀଘ୍ର ଘରକୁ ଆସ । ଘରଲୋକେ ଉଠିବେ, କ'ଣ ଭାବିବେ ?

– ଭାବିବେ କ'ଣ ? ପୁଅ ତାଙ୍କର ମଦ ପିଉଛି । କ'ଣ ହେଇଗଲା ସେଠୁ ? ଏମିତି ଯନ୍ତ୍ରଣାରେ ଛଟପଟ ହୋଇ ମରିବା ଅପେକ୍ଷା, ମଦପିଇ ପିଇ ମରିଯିବାଟା ଭଲ ।

ହରିଶ୍‌ଙ୍କ ଏହି କଥାପଦକ ପ୍ରିୟଙ୍କା ନିଜର ସତୀତ୍ୱ ଓ ନାରୀତ୍ୱକୁ ନେଇ ରାତିସାରା ପ୍ରଶ୍ନ କରିଚାଲିଲା । ପ୍ରକୃତରେ ହରିଶ୍ କ'ଣ ମୋ ଉପରେ ସନ୍ଦେହ କରୁଛନ୍ତି, ନା ମୁଁ ତାଙ୍କୁ ସ୍ତ୍ରୀର ସୁଖ ଦେବାରେ ଅସମର୍ଥ । କାରଣ ପୁରୁଷ ମନରେ ଦୁଇଟି ପ୍ରଶ୍ନ । ନିଜସ୍ତ୍ରୀର ସତୀତ୍ୱ, କାମନାର ଉପଯୁକ୍ତ ସାଥୀ । ଏମିତି ଅନେକ ପ୍ରଶ୍ନ ନିଜଠାରୁ ସୃଷ୍ଟି ହୋଇ ନିଜକୁ ବିଧ କରିବାରେ ଲାଗିଥାଏ । ଅପର ପାର୍ଶ୍ୱରେ ନିଶାସକ୍ତ ହରିଶ୍ ଘୁଙ୍ଗୁଡ଼ି ମାରୁଥାଏ । ପ୍ରିୟଙ୍କାର ଏହା ସବୁଦିନ, କେବଳ ଜଳି ଚାଲିଥାଏ ଜୀବନ ସାରା । ଯେଉଁ ସମୟରେ ନିଜ ମନର ମଣିଷ ସହ ରାତିକାଟିଥାନ୍ତା ଆନନ୍ଦରେ । ତାହା କିନ୍ତୁ ସପ୍ନ । ବାରମ୍ବାର ଶୋଇବା ବେଡ୍‌ରୁ ଉଠି ଝରକା ଖୋଲି ବାହାରକୁ ଚାହେଁ । ଘରଭିତରଟା ତାକୁ ଲାଗିଥାଏ ଅଣନିଃଶ୍ୱାସୀ । ବାହାରର କାଳି ଅନ୍ଧାରର ଘନତା ମନ ମଧ୍ୟରେ ନବ ବିବାହିତ କାମନାର ଉଚ୍ଚାଟତା ଭିତରେ କିଛି ଫରକ୍ ନଥାଏ । ଥରେ ଥରେ ସେ ଭାବେ ଯଦି ମୋ ତରଫରୁ ତାଙ୍କୁ ମନେଇବାକୁ ଚେଷ୍ଟା କରେ, ତେବେ କାଳେ ବଦଳିଯିବେ । ନାରୀ ନିକଟରେ ପୁରୁଷଙ୍କୁ ମନାଇବା କିଛି ଅସମ୍ଭବ ନୁହେଁ ? ଏଭଳି ଭାବନା ପ୍ରିୟଙ୍କାକୁ ଆଗେଇ ନିଏ ହରିଶ୍‌କୁ ନିଜର କରିବା ପାଇଁ । କିନ୍ତୁ ହଠାତ୍ ହିରଶ୍‌ର ତା'ପ୍ରତି ଥିବା ଘୃଣା ବିଷୟ ଚିନ୍ତା କରିବାରୁ, ତା' ହୃଦୟରେ ଉତାଳ ତରଙ୍ଗ ସୃଷ୍ଟି କରୁଥିବା କାମନାର କାଚ ଘରଟା ଭାଙ୍ଗି ଚୁରମାର୍ ହୋଇଯାଏ । ସାହସ ହୋଇଯାଏ ଧୂଳିସାତ୍ । କେବଳ ଏକ ରକ୍ତ ମାଂସଧାରୀ ମଣିଷଟିଏ ପାଲଟିଯାଏ । ଭୟଭୀତ ଚାହାଁଣିରେ ଚାହୁଁଥାଏ ହରିଶ୍‌କୁ । ଏଭଳି ଘଟଣା ପ୍ରିୟଙ୍କାର ଆଜି ନୁହେଁ, ବିବାହର ପାଞ୍ଚ ବରଷ ହେଲା ସାଥୀ ହୋଇଯାଇଥାଏ । ସୁବବେଳେ ନିଜକୁ ବାରମ୍ବାର ଆଇନା ସମ୍ମୁଖରେଦେଖେ ।

– ଦେଖିବାକୁ ତ ଡଉଲ ଡାଉଲ ! ପୁରିଲା ପୁରିଲା ଗାଲ, ଗୋଲାପୀ ଓଠ । ଚାହାଣୀରେ ବେଶ୍ ମାଦକତା ଅଛି ହଳଦୀ ରଙ୍ଗର ଚେହେରା । କ'ଣ ନାହିଁ ମୋ ଚେହେରାରେ, ତଥାପି ହରିଶ୍ କାହିଁକି ମୋ ପ୍ରତି ଆକୃଷ୍ଟ ହେଉ ନାହାଁନ୍ତି ।

ଏହାପରେ ମନକୁ ମାରି ଶୋଇଯାଏ । ତା'ଭିତରର ସମସ୍ତ ଇଚ୍ଛା ଶକ୍ତିକୁ ସେ ନିଜେ ହତ୍ୟା କରିଚାଲେ । ସ୍ୱାମୀ-ସ୍ତ୍ରୀର ସଂପର୍କରେ ପୂର୍ଣ୍ଣଚ୍ଛେଦ ଦେଇଥାଏ ନିଦ୍ରା । କେତେବା ଅନିଦ୍ରା ହେବ ।

ଏମିତି ଗଡ଼ିଚାଲିଥାଏ ରାତି ପରେ ରାତି । ସବୁକିଛି ଥାଇ ନଥିବାପରି ଲାଗେ ପ୍ରିୟଙ୍କାକୁ । ଆଭିଜାତ୍ୟରେ ବଢ଼ି ଆସିଥିଲା ପିଲାଦିନରୁ । ବିବାହ ପରେ ମଧ୍ୟ ଆଭିଜାତ୍ୟରେ ଜୀବନ ବିତାଉଛି । କିନ୍ତୁ ଆଭିଜାତ୍ୟର ଜୀବନ ସିନା ମଣିଷର ଶରୀର ଟାକୁ ସୁଖଦିଏ କିନ୍ତୁ ମନକୁ ନୁହେଁ । ତା'ମନଟା ସବୁବେଳେ ଛଟପଟ ହୁଏ । କେତେବା ସହିବ । ସହିବାର ତ ଗୋଟେ ସୀମା ଥାଏ । ମନେ ମନେ ଚିନ୍ତାକରେ ଏ ସମସ୍ତ ଘଟଣା ତା' ବାପା ବୋଉଙ୍କୁ କହିବ, କିନ୍ତୁ ଭାବେ କହିଲେ କ'ଣ ଲାଭ ?

କହିଲେ ଆଉ ଏକ ଯନ୍ତ୍ରଣା ଆସି ତା' ପୂର୍ବ ଯନ୍ତ୍ରଣା ସହ ମିଶିଯିବ । ତାହା ହେଉଛି ଡିଭର୍ସ । କାଗଜ ପତ୍ରରେ ଦୁଇଟି ଦସ୍ତଖତ୍ । ବାସ୍ ସବୁକିଛି ଶେଷ । ଘରେ ବାହାରେ ମୁହଁ ଟେକି ଚାଲିପାରିବନାହିଁ । ସମସ୍ତେ କେବଳ ଆଶ୍ୱାସନା ଦେବେ । ପୁଣି ବୋଝ ହୋଇଯିବ ବାପା, ମା'ଙ୍କ ଉପରେ । ବରଂ ଏମିତି ବଞ୍ଚିବାଟା ଭଲ । ଜୀବନଟା ତ' ଦୁଃଖ ପୂର୍ଣ୍ଣ । ନିଜକୁ ନିଜେ ବୁଝାଇ ଚାଲେ ପ୍ରିୟଙ୍କା ।

ଘରେ ଶାଶୁ, ଶ୍ୱଶୁର ପିଲାଟିଏ ନେଇ ବ୍ୟସ୍ତହୋଇ ପଡ଼ନ୍ତି । ପାଞ୍ଚବର୍ଷ ହେଲାଣି । ସନ୍ତାନ ଟିଏ ନାହିଁ । ହରିଶ୍ ଗୋଟିଏ ବୋଲି ପୁଅ । ପିଲାଟିଏ ନିହାତି ଦରକାର । ଅବଶ୍ୟ ଆଜିକାଲି ପିଲା, ନିଜର ବିବାହିତ ଜୀବନକୁ ଉପଭୋଗ କରିବା ପାଇଁ ବିଳମ୍ବରେ ସନ୍ତାନ ଚାହିଁଥାନ୍ତି, କିନ୍ତୁ ପାଞ୍ଚ ବର୍ଷ । ଯଥେଷ୍ଟ ଗଡ଼ିଗଲାଣି । ଚିନ୍ତାରେ ଥାନ୍ତି ଶାଶୁ ଓ ଶ୍ୱଶୁର । ଶେଷରେ ବାଧହୋଇ ଶାଶୁ ମୁହଁ ଖୋଲିଲେ । ପ୍ରିୟଙ୍କା ବ୍ୟସ୍ତ ହୋଇପଡ଼ିଲା କ'ଣ ବା ଉତ୍ତର ଦେବ ? ଗୋଟିଏ ପାଖରେ ନିଜର ନାରୀତ୍ୱର ସାର୍ଥକତା । ଅନ୍ୟପାଖରେ ହରିଶ୍‌କୁ ନେଇ ବିରାଟ ଶୂନ୍ୟତା । କ'ଣ ବା କହିବ ଚିନ୍ତାକରି ପାରୁନଥାଏ । ଶେଷରେ ନିଜକୁ ସଜାଡ଼ିଦେଇ, ଲାଜ ଲାଜ ହୋଇ କହିଲା -

– ମା' ଆପଣ ବ୍ୟସ୍ତ ହୁଅନ୍ତୁନି । ଏ ବର୍ଷ ନିଶ୍ଚୟ ଆପଣ ନାତିଟିଏ କି ନାତୁଣୀଟିଏ ନିଶ୍ଚୟ ଖେଳାଇବେ ।

– ବ୍ୟସ୍ତ ନୁହେଁ ମା' ? ଆମର ସମୟ ତ ଗଲାଣି ? ଶେଷ ସମୟରେ ଟିକେ ନାତି, ନାତୁଣୀ ସଙ୍ଗରେ ସମୟ ବିତାଇ ଆର ପାରିକୁ ଚାଲିଯିବୁ ।

ଶାଶୁଙ୍କର ଏଇ ପଦକ କଥା ପ୍ରିୟଙ୍କା ଭାବିଚାଲିଥାଏ । କ'ଣ ବା କରିବ ? କେତେଦିନ ବା ମିଥ୍ୟା ଆଶ୍ୱାସନା ଦେବ । ଶେଷରେ ସ୍ଥିର କଲା ଆଜି ନିଶ୍ଚୟ ଏ ଘଟଣା ହରିଶ୍‌କୁ କହିବ । ରାତି ଘନେଇ ଆସୁଥାଏ । ସବୁଦିନ ପରି ଅପେକ୍ଷାରେ ଥାଏ ପ୍ରିୟଙ୍କା । ଚିନ୍ତା କରୁଥାଏ, ଆଜି ସେ ନିଜକୁ ଏମିତି ସଜେଇ ଦେବ ଯେ, ହରିଶ୍ ନିଶ୍ଚିତ ତା' ପ୍ରତି ଆକୃଷ୍ଟ ହେବେ । ଆଇନା ସମ୍ମୁଖରେ ନିଜକୁ ସଜେଇବାକୁ ଲାଗିଲା । ସଜେଇ ହୋଇଗଲା ବାସର ରାତିର ନୂଆ ବୋହୂଟି ପରି । ମୁହଁରେ ଖିଲିଖିଲି ହସକୁ ଆପଣେଇ ନେଲା । ଠିକ୍ ଏହି ସମୟରେ କବାଟ୍ ଠକ୍ ଠକ୍ ହେଲା । ହଠାତ୍ ଖିଲିଖିଲ ହସ ଚେହେରାଟା ଦବିଗଲା । ଭୟଭୀତ ହୋଇ କବାଟ ଖୋଲିଲା । ଯାହାକୁ ଦେଖିଲା, ହରିଶ୍‌କୁ ଦେଖି ଯେଉଁ ଭୟଭୀତ ହେବା କଥା, ତା'ଠାରୁ ଅଧିକ ଭୟଭୀତ ମନେକଲା । ସେ ଥିଲେ ନରେଶ୍ । ପ୍ରିୟଙ୍କାର କ୍ଲାସ୍‌ମେଟ ।

– ନରେଶ ! ତୁମେ ।

– ହଁ ଅଧିକ ରାତିହୋଇଗଲା । ଭାବିଲି ତୁମ ପାଖରେ ରହିଯିବି, ନୂଆ ସହର

– କିନ୍ତୁ !

– କ'ଣ ତୁମ ଲୋକ ଖରାପ ଭାବିବେ କି ?

– ନାଇଁ ଯେ !

– ମୋର ଅବଶ୍ୟ ଏତେ ରାତିରେ ଆସିବାର ନଥିଲା । କ'ଣ କରିବି ବାଧ ହେଲି । କାହିଁ ହରିଶ୍ ବାବୁ ଦେଖାଯାଉନାହାଁନ୍ତି ?

– ସେ ଫେରି ନାହାଁନ୍ତି ।

– ଏତେ ରାତି ହେଲାଣି । ଏ ପର୍ଯ୍ୟନ୍ତ ଘରକୁ ଫେରିନାହାଁନ୍ତି । କ'ଣ ବୋଧେ କାମ ଥିବ ?

– ହଁ ! ତାଙ୍କର ସବୁବେଳେ ଏମିତି ଲେଟ୍ । ଆରେ ତୁମେ ସଂପୂର୍ଣ୍ଣ ଭିଜିଯାଇଛ । ଗାମୁଛା ନିଅ ଭଲରେ ପୋଛି ହୋଇପଡ ମୁଁ ଚା' କରିନେଇଆସୁଛି ।

ନରେଶ୍ ଗାମୁଛାରେ ପୋଛାହୋଇ ଚେୟାରରେ ବସି ଚିନ୍ତା କରୁଥାନ୍ତି ପ୍ରିୟଙ୍କା ବିଷୟରେ । ପ୍ରିୟଙ୍କାକୁ ଯେ ପାଇଛନ୍ତି, ସେ ବହୁତ ଭାଗ୍ୟବାନ ହୋଇଥିବେ । ପିଲାଟା ବେଶ୍ ଶାନ୍ତ ଶିଷ୍ଟ, ଭଦ୍ର ଏକଥା ଚିନ୍ତା କରୁ କରୁ ନିଜର କଲେଜ ଜୀବନରେ ଭଲପାଇବା କଥା ଗୁଡ଼ାକ ଆଖିଆଗକୁ ଚାଲିଆସିଲା । କେତେ ଯେ ଭଲପାଇନଥିଲେ ସେ, କିନ୍ତୁ

କ'ଣ ହେବ । ବହିଗଲା ନଈପାଣି, ଆଉ ଭଲ ପାଇବାରେ କ'ଣ ବା ବିଶ୍ୱାସ ଥାଏ । ଠିକ୍ ଏହି ସମୟରେ ହରିଶ୍ ଘରଭିତରକୁ ପଶିଆସିଲେ । ନରେଶ୍ କୁ ଦେଖି ଖୁସିରେ ପାଗଳହୋଇଗଲେ । ପରସ୍ପର ପରସ୍ପରକୁ ଜାବୁଡ଼ିଧରିଲେ । ମନେହେଉଥାଏ ବହୁଦିନରୁ ପରସ୍ପରକୁ ଦେଖିନଥିଲେ ।

– ଆରେ ଏଟା ତୋ ଘର !

– ହଁ ! ତୁ କେମିତି ଖୋଜି ଖୋଜି ପାଇଲୁ ?

– ବନ୍ଧୁ କୁ ବନ୍ଧୁ ଖୋଜିଲେ ମିଳିବନି । ଆଛା ତୁ ମଦ ପିଉଛୁ ?

– ଦେଖି ତୁ ସବୁ କଥା କହ ! ସେ କଥା କହନି ।

ଏ ସମସ୍ତ ଘଟଣା ପ୍ରିୟଙ୍କା କବାଟ ଆଢୁଆଳରେ ଦେଖୁଥାଏ । ହାତରେ ଚା'କପ୍‌ଟା ଥରିବାକୁ ଲାଗିଥାଏ, କ'ଣ କରିବ କିଛି ଭାବିପାରୁନଥାଏ ! ତଥାପି ନିଜକୁ କଠୋର କରି ଚା'ନେଇ ଆସିଲା, ନରେଶ୍‌କୁ ଚା' ଦେଲା । ହରିଶ୍ କହିଲା -

– କେବଳ କ'ଣ ନରେଶ୍ ପଇଁ ! ମୋ ପାଇଁ ?

ହରିଶ୍‌ର ଏଭଳି କହିବା କେବେ ପ୍ରିୟଙ୍କା ଶୁଣିନଥିଲା । ମନେରେ ଥିବା ସମସ୍ତ ଭୟ ଓ ଦୁଃଖ ଏଇ ପଦକ କଥାରେ ଭାଙ୍ଗି ଚୁର୍‌ମାର ହୋଇଗଲା ।

ଘରଭିତରକୁ ଯାଇ ଆଉ କପେ ଚା' ନେଇ ଆସି ହରିଶ୍‌କୁ ଦେଲା । ସମସ୍ତେ ଏକାଠି ବସି କଥା ହେବାକୁ ଲାଗିଲେ । ନରେଶ୍ ନିଜକୁ ଅପରିଚିତ ଭଳି ପ୍ରିୟଙ୍କାକୁ ସମ୍ବୋଧନ କରୁଥାନ୍ତି । ହରିଶ୍, ନରେଶର କଲେଜର ଭଲପାଇବାକୁ ଗପିଚାଲିଥାଏ । ନରେଶ୍ ଓ ପ୍ରିୟଙ୍କା ଉଭୟେ ଉଭୟଙ୍କୁ ଚାହିଁ ଲାଜେଇ ଯାଉଥାନ୍ତି । ହଠାତ୍ ହରିଶ୍ କହିଲା-

– ଆଛା ନରେଶ୍ ! ତୁମ ବୈବାହିକ ଜୀବନ କେମିତି ଚାଲିଛି ?

– ତୁମ କଥା କୁହ ।

– ମୋର ଠିକ୍ ଠାକ୍ ଅଛି । ବିବାହ ପାଞ୍ଚ ବର୍ଷ ହେଲାଣି ତୋର ।

– ମୁଁ ବିବାହ ହୋଇନାହିଁ ।

– ଭଲ କରିଛୁ । ବିବାହହେବା ଏକ ନର୍କ ଯନ୍ତ୍ରଣା ।

– କାହିଁକି ?

– ପ୍ରିୟଙ୍କାକୁ ପଚାର !

ଏଭଳି ପ୍ରଶ୍ନର କି ଉତ୍ତର ଦେବ ପ୍ରିୟଙ୍କା ଚିନ୍ତା କରି ପାରୁନଥାଏ । ତାଙ୍କର ବୈବାହିକ ଜୀବନପାଇଁ କିଏ କଳଙ୍କ କି, ସେ ନିଜେ ନା ହରିଶ୍ । ତଥାପି ନିଜେ ନିଜକୁ ଦୃଢ଼ କଲା । ବହୁଦିନରୁ ଜମାଟ ବାନ୍ଧିଥିବା ଦୁଃଖକୁ ପ୍ରକାଶ କରିବାକୁ ଚିନ୍ତା କଲା ।

– ଆମର ବୈବାହିକ ଜୀବନ ଭଲ ଅଛି ।

– ମିଛ କହୁଛ ପ୍ରିୟଙ୍କା ! ମୁଁ ତୁମକୁ ଆଜି ପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ ।

– ବିବାହ କରିବାଟା କ'ଣ ସ୍ପର୍ଶରେ ଥାଏ । ଥାଏ ପବିତ୍ରତାରେ ।

– ତୁମେ ଯାହା କହୁଛ ତାହା ବହିପାଠ ।

ଏତିକି କହି ହରିଶ୍ ଭକ୍ ଭକ୍ କରି ବାନ୍ତି କରିବାକୁ ଲାଗିଲେ । ବାନ୍ତିରେ ମୁଣ୍ଡା ମୁଣ୍ଡା ରକ୍ତ ପଡୁଥାଏ । ନରେଶ୍ ଭୟତ୍ରସ୍ତ ହୋଇ ହରିଶ୍‌କୁ ଜାବୁଡ଼ି ଧରିଲା, ହରିଶ୍ ଯନ୍ତ୍ରଣା ଅନୁଭବ କରୁଥାଏ । ଯନ୍ତ୍ରଣା କଣ୍ଠରେ କହିଲା -

– ପ୍ରିୟଙ୍କା ଏଇଥିପାଇଁ ତୁମକୁ ଆଜି ପର୍ଯ୍ୟନ୍ତ ମୁଁ ସ୍ପର୍ଶ କରୁ ନଥିଲି ।

ପ୍ରିୟଙ୍କା ବ୍ୟସ୍ତହୋଇପଡ଼ି ହରିଶ୍‌କୁ ଡାକ୍ତର ପାଖକୁ ନେଇଯିବା ପାଇଁ ନରେଶ୍‌କୁ କହିଲା । ନରେଶ୍ ଓ ପ୍ରିୟଙ୍କା ହରିଶ୍‌କୁ ସେ କାଳି ଅନ୍ଧାରରେ ଡାକ୍ତରଙ୍କ ପାଖକୁ ନେଇଗଲେ । ଡାକ୍ତର ଚିକିତ୍ସାରେ ଲାଗିଥାନ୍ତି ।

ନରେଶ୍, ପ୍ରିୟଙ୍କା ଏବଂ ହରିଶ୍‌ର ବାପା, ମା' ଡାକ୍ତର ଖାନା ବାରଣ୍ଡାରେ ବସି ଈଶ୍ୱରଙ୍କୁ ନେହୁରା ହୋଇ ଡାକିଚାଲିଥାନ୍ତି । ହରିଶ୍‌ର ଆରୋଗ୍ୟ ନିମନ୍ତେ । କିଛି ସମୟପରେ ଡାକ୍ତର ଆସି ନରେଶ୍ ସହ ଏକାନ୍ତରେ କିଛି ସମୟ କଥାହେଲେ, ଏବଂ ପୁଣି ଭିତରକୁ ଗଲେ । ପ୍ରିୟଙ୍କା ବ୍ୟସ୍ତହୋଇ ନରେଶ୍‌କୁ ହରିଶ ବିଷୟରେ ପଚାରିବାକୁ ଲାଗିଲା । ଏ ସମୟରେ ଏକ ଆମ୍ବୁଲାନ୍‌ସ ଆସି ବାରଣ୍ଡା ତଳେ ରହି ହର୍ଣ୍ଣ ମାରିବାକୁ ଲାଗିଲା ।

*ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ*

❑ ❑ ❑

# ଓଁ କଳାକଳେବରଙ୍କର ନବକଳେବର

**- ବ୍ରଜବନ୍ଧୁ ପୃଷ୍ଟ**

କଳା କୃଷ୍ଣଙ୍କର ବିରହ ବେଦନାରେ ଅଧୁରା ରାଧାରାଣୀଙ୍କର କୃଷ୍ଣଙ୍କପ୍ରତି ଦୀବ୍ର କଟାକ୍ଷ ପ୍ରଣିଧାନ ଯୋଗ୍ୟ । ଏପରିକି କୃଷ୍ଣ ବର୍ଣ୍ଣର ସମଗ୍ର ସତ୍ତାକୁ ସେ ତାଙ୍କ ସମ୍ମୁଖରୁ ଅନ୍ତର କରିବାକୁ ସଖୀମାନଙ୍କୁ ନିବେଦନ କରିଛନ୍ତି । ସଖୀମାନେ ତାଙ୍କୁ ଅନେକ ତୁଳନାତ୍ମକ ରାଧାଙ୍କ ଶରୀର ତଥା ପାରିପାର୍ଶ୍ୱିକ କଳାବର୍ଣ୍ଣର ନିବିଡତା ବିଷୟରେ ଚେତାଇ ଦେବା ଅବସରରେ ଲଳିତା କହୁଛନ୍ତି - ସରଳା ଗୋ ତୋର ଧଳା ଆଖିଡୋଳା ଯୋଡ଼ିକଯାକ ତ କଳା ?

ରାଧା କହୁଛନ୍ତି - ପଲକ ପକାଇ ରହିବି ନିରୋଳା ଆଉ ତୁ ମୋତେ ନଚଳା ଠିକ୍ ସେତିକି ବେଳେ ଲଳିତା କୁହନ୍ତି - ପଲକ ପଡିଲେ ଭୂଲୋକଯାକ ତ କଳାମୟ ହୋଇଯିବ । ଏଠାରେ ରାଧାଙ୍କର ଅକଳ ଗୁଡୁମ୍ ହୋଇଯାଇଛି । ଭୂଲୋକଯାକ ତ କଳା, ସଚରାଚର ବିଶ୍ୱ କଳାମୟ ମଧ୍ୟରେ ମନର ଜ୍ଞାନ ଗାରିମାରେ ସବୁ ଉଦ୍ଭାସିତ । ବିଶ୍ୱର ସେଇ କୃଷ୍ଣଗର୍ଭରୁ ସମସ୍ତ ସୃଷ୍ଟି ପରିପ୍ରକାଶ । ସେଇ ପରିପ୍ରକାଶର ମହାନ ସତ୍ତାର ସୂକ୍ଷ୍ମ ନିଦର୍ଶନ ବା ସୂକ୍ଷ୍ମ ନିଦର୍ଶନର ମହାନ୍ ପରିପ୍ରକାଶ ହେଉଛି କଳା କଳେବରଙ୍କର ନବକଳେବର ।

ଆମେ ସମସ୍ତ ଜାଣୁ ଯେ, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବିଗ୍ରହ ଦାରୁ ନିର୍ମିତ । ଶାସ୍ତ୍ରୀୟ ବିଧାନ ଅନୁସାରେ ପ୍ରତି ଦ୍ୱାଦଶ ବର୍ଷରେ ଦାରୁ ବିଗ୍ରହର ପରିବର୍ତ୍ତନ ଆବଶ୍ୟକ । ପ୍ରସ୍ତର, ଅଷ୍ଟଧାତୁ ନିର୍ମିତ ପ୍ରତିମାମାନଙ୍କର ପରିବର୍ତ୍ତନର ଆବଶ୍ୟକ ପଡି ନଥାଏ । ତେଣୁ ଶ୍ରୀ ବିଗ୍ରହମାନଙ୍କ ବିଗ୍ରହ ପରିବର୍ତ୍ତନ ମଧ୍ୟ ପ୍ରତି ବାରବର୍ଷରେ ହେବା ବିଧେୟ । କିନ୍ତୁ ଶ୍ରୀକ୍ଷେତ୍ରର ପରମ୍ପରା ଅନୁସାରେ ଯେଉଁବର୍ଷ ଚାନ୍ଦ୍ରମାସ ବର୍ଷଗଣନା ଅନୁଯାୟୀ ଦୁଇଗୋଟି ଆଷାଢ଼ମାସ ପଡିଥାଏ, ସେହି ବର୍ଷ ନବକଳେବର ଅର୍ଥାତ୍ ବିଗ୍ରହ ପରିବର୍ତ୍ତନ ବା ବଦଳା କରାଯାଏ । ତେଣୁ ଏ କ୍ଷେତ୍ରରେ ବାରବର୍ଷିଆ ନିୟମ ଲାଗୁ କରାଯାଏ ନାହିଁ । ଗତ ଶତାବ୍ଦୀରେ ୧୯୦୪, ୧୯୩୧, ୧୯୫୦, ୧୯୬୯, ୧୯୭୭ ଓ ୧୯୯୬ରେ ଯୋଡା ଆଷାଢ଼ ମୁତାବକ ନବକଳେବର ସମ୍ପନ୍ନ ହୋଇଥିଲା । ନବକଳେବର ବିଧାନ ହେଉଛି, ନୂତନ ଭାବରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସାପ୍ନାଦେଶ ନିରୁପିତ ନିମ୍ବଦାରୁ ବିଗ୍ରହ ଗଠନ କରି ତହିଁ ମଧ୍ୟରେ ପୁରାତନ ବିଗ୍ରହ ମଧ୍ୟରୁ ବ୍ରହ୍ମସରୂପ ଆଣି ସ୍ଥାପନ କରି ନୂତନ ବିଗ୍ରହ ଗୁଡିକୁ ରତ୍ନ ବେଦୀରେ ସ୍ଥାପନ କରି ପୂଜା ଆରଧନା କରିବା ଓ ପୁରାତନ ବିଗ୍ରହଗୁଡ଼ିକୁ କୋଇଲି ବୈକୁଣ୍ଠ ସମୀପ ମଶାଣି ମାତାଙ୍କ କୋଳରେ ବିସର୍ଜନ ଦେବା ।

ବିଷ୍ଣୁ ଦେବତାଙ୍କର ବିଗ୍ରହ ଗଠନ କରିବା ପାଇଁ ନିମ୍ବଦାରୁ ହିଁ ଉପଯୁକ୍ତ ଅଟେ । ନିଳାଦ୍ରୀ ମହୋଦୟରୁ ପ୍ରମାଣ ଅନୁସାରେ ଯେଉଁ ନିମ୍ବବୃକ୍ଷରୁ ଶ୍ରୀବିଗ୍ରହ ନିର୍ମାଣ ଉପଯୋଗୀ ଦାରୁସଂଗ୍ରହ କରାଯିବ, ତାହା ଚାରିଗୋଟି ଶାଖାଯୁକ୍ତ ହୋଇଥିବ, କୀଟପତଙ୍ଗ ପ୍ରଭୃତିଙ୍କ ଦ୍ୱାରା କ୍ଷତବିକ୍ଷତ ହୋଇ ନଥି ଓ ତହିଁରେ ବୃହତ କୃଷ୍ଣସର୍ପ (ମଣିଯୁକ୍ତ) ବାସ କରୁଥିବେ । ସୂତ ସଂହିତାରେ ଉଲ୍ଲେଖ ଅଛି ଶ୍ରୀଜଗନ୍ନାଥଙ୍କ ଦାରୁ ଇଷତ୍ ରକ୍ତବର୍ଣ୍ଣ ହୋଇଥାଏ । ପ୍ରତି ବୃକ୍ଷରେ ଚାରି, ପାଞ୍ଚ ଅଥବା ସାତଗୋଟି ଶାଖାଥାଏ । ବୃକ୍ଷର ସାଦ ତିକ୍ତ ନହୋଇ ଇଷତ୍ ମିଷ୍ଟ ହୋଇଥାଏ । ସେହି ସମସ୍ତ ବୃକ୍ଷରେ ଗରୁଡ଼ କିମ୍ବା ମୟୂରୁ ବ୍ୟତୀତ ଅନ୍ୟ କୌଣସି ପକ୍ଷୀର ବସା ନଥାଏ । ବୃକ୍ଷମାନଙ୍କର ମୂଳରେ ଉଇ ହୁଙ୍କାଥାଏ ଓ ତହିଁ ମଧ୍ୟରେ ସର୍ପବାସ କରୁଥାଏ । ସେହ ବୃକ୍ଷଟି ତିନିଗୋଟି ପର୍ବତ କିମ୍ବା ତିନିଗୋଟି ନଦୀ ଅଥବା ତିନିଗୋଟି ପଥର ସଂଯୋଗ ସ୍ଥଳରେ ଅବସ୍ଥିତ ହୋଇଥାଏ ନତୁବା ଅଦୂରରେ ନଦୀ, ଶ୍ମଶାନ ଓ ଶିଆଳୀ ବୃକ୍ଷ ଇତ୍ୟାଦି ଥାଏ । ବୃକ୍ଷଗୁଡ଼ିକ ୫ମିଟରରୁ ୭ ମିଟର ଉଚ୍ଚ ଓ ୩ମିଟରରୁ ୪ମିଟର ଗୋଲେଇ ହୋଇଥାନ୍ତି । ବୃକ୍ଷ ଉପରେ ବଜ୍ରପାତ ହୋଇନଥଏ, କିମ୍ବା କୌଣସି ପ୍ରକାର କ୍ଷତି ଘଟିନଥାଏ । ଏହାର ନିକଟରେ ବରୁଣ ବୃକ୍ଷ ଓ ସାହାଡା ବୃକ୍ଷ ହୋଇଥାଏ

ଦାର୍ଶନିକ ଦୃଷ୍ଟିରେ ପ୍ରତି ଜୀବ ଦେହରେ ଜୀବାତ୍ମା ରୂପରେ ବ୍ରହ୍ମ ଅବସ୍ଥାନ କରୁଥାନ୍ତି । ଜୀବମାନଙ୍କର ଦେହ ବା ଘଟ ବିନାଶଶୀଳ ବା ପରିବର୍ତ୍ତନଶୀଳ ହେଲେ ମଧ୍ୟ ବ୍ରହ୍ମ ନିତ୍ୟ, ନିର୍ବିକାର ଓ ଅକ୍ଷୟ ଅଟନ୍ତି । ଯଥା ଦେହେ ତଥା ଦେବେ । ଏହି ନ୍ୟାୟରେ ଶ୍ରୀବିଗ୍ରହମାନଙ୍କର ଘଟ ଜୀର୍ଣ୍ଣ ହେଲେ ତାହାର ପରିବର୍ତ୍ତନ କରାଯାଇଥିବା ସ୍ଥଳେ, ତହିଁ ମଧ୍ୟରେ ଥିବା ବ୍ରହ୍ମସରୂପ ଅପରିବର୍ତ୍ତିତ ରୁହନ୍ତି । ଗୀତାରେ ମଧ୍ୟ କୁହାଯାଇଛି ଯେ ମନୁଷ୍ୟ ପୁରାତନ ବସ୍ତ୍ରକୁ ତ୍ୟାଗକରି ଅନ୍ୟ ନୂତନ ବସ୍ତ୍ର

ଗ୍ରହଣ କରିବା ପରି ଦେହଧାରୀ ଜୀବାତ୍ମା ବା ବ୍ରହ୍ମ ମଧ୍ୟ ନିଜର ପୁରାତନ ଶରୀରକୁ ତ୍ୟାଗକରି ନୂତନ ଶରୀର ବା ବ୍ରହ୍ମ ମଧ୍ୟ ନିଜର ପୁରାତନ ଦ୍ଢଶରୀରକୁ ତ୍ୟାଗକରି ନୂତନ ଶରୀର ଗ୍ରହଣ କରନ୍ତି ।

ଯେଉଁ ବର୍ଷ ନବକଳେବର ହୁଏ ତାହର ପୂର୍ବ ଚୈତ୍ରମାସ ଶୁକ୍ଳପକ୍ଷ ଦଶମୀ ଠାରୁ ପୂର୍ଣ୍ଣିମା ମଧ୍ୟରେ କୌଣସି ଏକ ଦିନ ଦେଉଳ କରଣ ଓ ଜ୍ୟୋତିଷ ଖୁରୀନାୟକ ଗଜପତି ମହାରାଜାଙ୍କୁ ଏହି ତଥ୍ୟ ପ୍ରଦାନ କରନ୍ତି । ତାପରେ ଗଜପତି ମହାରାଜ ସ୍ଥାନୀୟ ବିଦ୍ୱାନ ତଥା ଶ୍ରୋତୀୟ ବ୍ରାହ୍ମଣ ସମୂହର ମହନ୍ତ, ମୁକ୍ତି ମଣ୍ଡପ ପଣ୍ଡିତ ବର୍ଗ, ଛତିଶାପାଟକ ପ୍ରଭୁତିଙ୍କୁ ଆମନ୍ତ୍ରଣ କରି ଏକ ସଭା କରନ୍ତି ଓ ତହିଁରେ ନବକଳେବର କରଣୀୟ ବିଷୟମାନ ଆଲୋଚନା କରନ୍ତି । ତପ୍ରେ ବିଦ୍ୟାପତି ଓ ବିଶ୍ୱାବସୁ ବଂଶୀୟ ସେବକମାନେ ଗଜପତି ମହାରାଜାଙ୍କ ଆଜ୍ଞା ଅନୁସାରେ ଦାରୁ ଅନ୍ୱେଷଣରେ ଯିବା ପାଇଁ ପ୍ରସ୍ତୁତ ହୁଅନ୍ତି । ସେହିଦନି ଶ୍ରୀ ବିଗ୍ରହମାନଙ୍କର ଦ୍ୱିପହର ଧୂପ ସରିବା ପରେ ପତି ମହାପାତ୍ର ସିଂହାସନ ଉପରକୁ ଉଠି ଶ୍ରୀଅଙ୍ଗରେ ଲାଗି ହୋଇଥିବା ଚାରିବାଡର ଆଜ୍ଞାମାଳ ଆଣି ତିନିବାଡର ଆଜ୍ଞାମାଳକୁ ଦଇତାପତିମାନଙ୍କୁ ଦେଇ ନିଜେ ସୁଦର୍ଶନଙ୍କ ବାଡର ଆଜ୍ଞାମାଳ ଗ୍ରହଣ କରନ୍ତି । ଏହାପରେ ଅଣସର ପିଣ୍ଡିକୁ ଆସି ଶାଢ଼ୀ ବାନ୍ଧନ୍ତି । ଭିତରଛୁ ମହାପାତ୍ର ନାମକ ସେବକ ଆଜ୍ଞାମାଳ ପାଇଥିବା ପତି ମହାପାତ୍ର ଓ ଦଇତାମାନଙ୍କୁ ତଥା ଅନ୍ୟ ୨୩ଜଣ ଦଇତାଙ୍କୁ ବାର ଲାଗି ଶାଢ଼ୀ ବାନ୍ଧନ୍ତି । ପରେ ଜୟ ବିଜୟ ଦ୍ୱାରଠାରେ ଭିତରଛୁ ମହାପାତ୍ର ଅନ୍ୟାନ୍ୟ ସେବକ ଯଥା ଦେଉଳ କରଣ, ଚଢ଼ାଉ ବରଣ, ବେହେରା, ଖୁଣ୍ଟିଆ, ପଡିଆ ବରଣ, ଲେଙ୍କା ଓ ଚାରିଜଣ ବିଶ୍ୱକର୍ମାଙ୍କୁ ମଧ୍ୟ ଶାଢ଼ି ବାନ୍ଧନ୍ତି । ଏହିପରି ଶାଢ଼ୀବନ୍ଧା କାର୍ଯ୍ୟ ସମାପ୍ତ ହେବା ପରେ ସମସ୍ତେ ଜଗମୋହନ ଦେଇ ରାଜନଅରକୁ ଗମନ କରନ୍ତି । ଲେଙ୍କା ସୁଦର୍ଶନ ଚକ୍ର ଧାରଣ କରି ଏମାନଙ୍କ ସହିତ ଯାଉଥାନ୍ତି । ଏମାନଙ୍କ ସହିତ ଆଚାର୍ଯ୍ୟ ରୂପରେ ବରଣ ହୋଇଥିବା ମନ୍ଦିର ପୁରୋହିତ ଓ ଅନ୍ୟଚାରିଜଣ ବ୍ରାହ୍ମଣ ମଧ୍ୟ ରାଜନଅରକୁ ଯାଇଥାନ୍ତି । ଗଜପତି ମହାରାଜ ଶ୍ରୀହସ୍ତରେ ଛୁଇଁଥିବା ଗୁଆ, ନଡିଆ, ପତନି, ଅରୁଆ ଚାଉଳ, ଦୂବ, ବରକୋଳିପତ୍ର, ଆମ୍ବଡାଳ, କଳସ, କଦଳୀ ବୃକ୍ଷ ପ୍ରଭୃତି ଅନୁକୂଳ ଦ୍ରବ୍ୟମାନ ରାଜଗୁରୁ, ଦଇତା ଓ ବିଶ୍ୱକର୍ମାମାନଙ୍କୁ ପ୍ରଦାନ କରି ସଂକଳ୍ପ ପୂର୍ବକ ଦାରୁ ଅନ୍ୱେଷଣ କରିବା ଲାଗି ଅନୁରୋଧ କରନ୍ତି । ତପ୍ରେ, ଛତ୍ର, ତରାସ, ବାଦ୍ୟ, ଚାମ୍ବର, ଆଲଟ ପ୍ରଭୃତି ସହ ବଡ଼ଦାଣ୍ଡରେ ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା କରନ୍ତି ଓ ସେଠାରେ ଦୁଇଦିନ ରହନ୍ତି । ଦଇତାପତିମାନେ ଶୋଭାଯାତ୍ରାରେ ଯାଇ କାକଟପୁରସ୍ଥିତ ମଙ୍ଗଳାଦେବୀଙ୍କ ନିକଟ ପ୍ରାଚୀନଦୀ କୂଳରେ ଥିବା ଦେଉଳି ସିଦ୍ଧ ମଠରେ ରହନ୍ତି । ସେ ସମୟରେ ନିର୍ଜଳା ଉପବାସ କରି ଚାରିଦଳରେ ବିଭକ୍ତ ହୋଇ କାକଟପୁର ମଙ୍ଗଳାଦେବୀଙ୍କ ଜଗମୋହନରେ ଧାରଣ ପଡନ୍ତି ଓ ମହା ନୃସିଂହ ମନ୍ତ୍ର ଜପକରନ୍ତି ।

କଥିତ ଅଛି ଯେ ସେମାନଙ୍କ ମଧ୍ୟରୁ ବୃଦ୍ଧ ଦଇତାଙ୍କୁ ମଙ୍ଗଳାଦେବୀ ସପ୍ନରେ ଦାରୁଥିବାର ସ୍ଥାନର ସନ୍ଧାନ ଓ ଲକ୍ଷଣ ବିବରଣୀ ପ୍ରଦାନ କରନ୍ତି । ତପ୍ରେ ସେହି ଦଇତାପତି ତଥା ମହାରଣାମାନେ ପୃଥକ ପୃଥକ ଭାବରେ ଦାରୁ ସଂଗ୍ରହ କରିବା ପାଇଁ ଯାତ୍ରା କରନ୍ତି । ବିବରଣୀ ମୁତାବକ ଦାରୁର ସନ୍ଧାନ ମିଳିବା ପରେ ଦଇତାପତିମାନେ ବୃକ୍ଷମୂଳରେ ସଂପୃକ୍ତ ଦେବତାଙ୍କର ଆଜ୍ଞାମାଳ ପ୍ରଦାନ କରନ୍ତି । ଏହାପରେ ସେହି ସମସ୍ତ ବୃକ୍ଷମୂଳରେ ବନଯାଗ କରିବା ପାଇଁ ଯଜ୍ଞଶାଳା ଓ ମଣ୍ଡପ ପ୍ରଭୃତି ନିର୍ମାଣ କରାଯାଏ । ଏହା ନିକଟରେ ଗୋଟିଏ ଶବରପଲ୍ଲୀ ମଧ୍ୟ ନିର୍ମାଣ କରାଯାଏ । ଶବର ପଲ୍ଲୀର ଗୃହ ଜାମ୍ବୁଡାଳ, ଦେବଦାରୁ ପ୍ରଭୃତି ଦ୍ୱାରା ସଜ୍ଜିତ ହୋଇଥାଏ । ପୂର୍ବୋକ୍ତ ଯଜ୍ଞଶାଳାରେ ପ୍ରଥମେ ବନଯୋଗ ଅନୁଷ୍ଠିତ ହୁଏ । ଶ୍ରୋତୀୟ ବ୍ରାହ୍ମଣମାନେ ଏହି ଯଜ୍ଞରୁ ପରିଚାଳନା କରନ୍ତି । ରାଜପ୍ରତିନିଧି, ବରଣ ହୋଇଥିବା ବ୍ରାହ୍ମଣଗଣ ଏବଂ ଦାରୁ ସନ୍ଧାନ ନିମିତ୍ତ ଆସିଥିବା ସେବାୟତମାନେ ଏହି ଯଜ୍ଞରେ ଉପସ୍ଥିତ ରହନ୍ତି । ବିଦ୍ୟାପତି ଓ ବିଶ୍ୱାବସୁଙ୍କ ବଂଶଧର ସେବକଗଣ ତଥା ବିଶ୍ୱକର୍ମା ଓ କାଷ୍ଠଶିଳ୍ପିଗଣ ଏହି ଯଜ୍ଞାନୁଷ୍ଠାନରେ ନିଷ୍ଠାପୂର୍ବକ ଯୋଗଦିଅନ୍ତି ଓ ଯଜ୍ଞରାତ୍ରିରେ ଯଜ୍ଞଶାଳାରେ ଶୟନ କରି ସାପ୍ତାବତୀ ମହାମାୟାଙ୍କୁ ଜପ ଓ ଧ୍ୟାନରେ ନିମଗ୍ନ ରହନ୍ତି । ଦଇତାପତିମାନେ ନିର୍ଜଳା ଉପବାସକରି ମହାନୃସିଂହ ମନ୍ତ୍ର ଜପ କରନ୍ତି ଏବଂ ସ୍ଥାନସୂଚୀ ମୁତାବକ ଶବରପଲ୍ଲୀରେ ଅବସ୍ଥାନ କରନ୍ତି ।

ପରଦିନ ପ୍ରଭାତରେ ସ୍ନାନତର୍ପଣ ସମାପନ କରାଯିବା ପରେ ବିଦ୍ୟାପତି ପଦରେ ବରଣ ହୋଇଥିବା ବିଦ୍ୟାପତି ବଂଶଧର ସେବକ ଏକ ସୁବର୍ଣ୍ଣ କୁଠାର ସାହାଯ୍ୟରେ ଉକ୍ତ ଦାରୁଛେଦନ ପ୍ରକ୍ରିୟା ଆରମ୍ଭ କରନ୍ତି । ତାହାପରେ ବିଶ୍ୱାବସୁ ପଦରେ ବରଣ ହୋଇଥିବା ସେବକ ରୌପ୍ୟ କୁଠାରରେ ସେହି ଦାରୁକୁ ଛେଦନ କରନ୍ତି । ପରିଶେଷରେ ବିଶ୍ୱକର୍ମାମାନଙ୍କ ଦ୍ୱାରା ଲୌହ କୁଠାରରେ ସେହି ଦାରୁକୁ ଛେଦନ କରାଯାଏ । ଯଜ୍ଞ ସମୟରେ ଏହି ତିନି ଠାକୁରଙ୍କ ପୂଜାର୍ଚ୍ଚନା ହୋଇଥାଏ । ଦାରୁ ଛେଦନ ସମୟରେ ଅଖଣ୍ଡ ବେଦଧ୍ୱନୀ, ଶାନ୍ତି ସ୍ୱସ୍ତୟନ ମନ୍ତ୍ରପାଠ

ଓ ଭଜନ କୀର୍ତ୍ତନ ପ୍ରଭୃତି ଲାଗିରହିଥାଏ । ଦାରୁ ଭୂତଳଶାୟୀ ହେଲେ ତାହାକୁ ଚତୁଃଶମ କରାଯାଏ ଓ ତାହାର ଶାଖା, ପ୍ରଶାଖା ତଥା ପତ୍ର ସବୁକୁ ଗୋଟିଏ ବୃହତ ଗାର୍ତ୍ତରେ ପୋତିଦିଆଯାଇ ହଳଦୀପାଣି ସିଞ୍ଚନ କରାଯାଇଥାଏ ।

ଦାରୁ ପ୍ରସ୍ତୁତ ହେବାପରେ ଏହାକୁ ଆଣିବା କାର୍ଯ୍ୟ ଆରମ୍ଭ ହୁଏ । ଦାରୁକୁ ବହନ କରିବା ପାଇଁ ସତନ୍ତ୍ର ଶକଟ ନିର୍ମାଣ କରାଯାଏ । ଏହି ଶକଟର ଚକ ବର କାଠରେ, ଦଣ୍ଡା କେନ୍ଦୁ କାଷ୍ଠରେ ଓ ଅଖ ତେନ୍ତୁଳି କାଠରେ ବା ବେଲକାଷ୍ଠରେ ନିର୍ମିତ ହୁଏ । ତାହା ଉପରେ ଦାରୁକୁ ରଖାଯାଇ ତାହାକୁ ଦୃଢ଼ଭାବରେ ବାନ୍ଧିଦିଆଯାଏ ଓ ପାଟବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାଯାଏ । ବେତର ଦଉଡ଼ି ଦ୍ୱାରା ସେହି ଶକଟକୁ ଟଣାଯାଇ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଅଣାଯାଏ । ଦାରୁ ଅଣାଗଲାବେଳେ ମାର୍ଗରେ ବା ପଥ ପାର୍ଶ୍ୱରେ ଘଣ୍ଟା , କାହାଳୀ, ମୃଦଙ୍ଗ, ବଂଶୀ, ଚାଙ୍ଗୁ, ମର୍ଦ୍ଦଳ ପ୍ରଭୃତି ବାଦ୍ୟ ନିନାଦ ହୁଏ । ବେଦମନ୍ତ୍ର, ଗାୟତ୍ରୀମନ୍ତ୍ର, ହରିବୋଲ, ହୁଳହୁଳିରେ ଗଗନ ପବନ ପ୍ରକମ୍ପିତ ହୁଏ ।

ଦାରୁ ଆଣିବା ସମୟରେ ପଥ ପାର୍ଶ୍ୱସ୍ଥ ଗ୍ରାମବାସୀଗରଣ ବିଭିନ୍ନ ଫଳମୂଳ ଓ ପୂଜା ସମ୍ଭାର ନେଇ ଉପସ୍ଥିତ ହୁଅନ୍ତି ଓ ଦଇତାପତିମାନେ ଏହି ସମସ୍ତ ନୈବେଦ୍ୟ ଭୋଗକରନ୍ତି । ପ୍ରାୟ ପ୍ରତ୍ୟେକ ଗ୍ରାମରୁ ଗ୍ରାମବାସୀମାନେ ଖୋଳ, କରତାଳ, ଝଞ୍ଜ, ମୃଦଙ୍ଗ ପ୍ରଭୃତି ବିଭିନ୍ନ ପ୍ରକାର ବାଦ୍ୟ ସହିତ ନାମ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ଯୋଗଦିଅନ୍ତି । ପ୍ରାୟ ଚାରିପାଞ୍ଚ ହଜାର ଲୋକ ଦାରୁ ସହିତ ଭଜନ କୀର୍ତ୍ତନ ପ୍ରଭୃତି କରି ଶୋଭାଯାତ୍ରାରେ ଚାଲି ଚାଲି ପାଞ୍ଚ ଦିନରୁ ଆଠ ଦିନ ମଧ୍ୟରେ ଶ୍ରୀକ୍ଷେତ୍ରରେ ଉପସ୍ଥିତ ହୁଅନ୍ତି । ପ୍ରଥମେ ଶ୍ରୀ ସୁଦର୍ଶନଙ୍କ ଦାରୁ, ତାହାପରେ ବଳଭଦ୍ରଙ୍କ ଦାରୁ, ତାହାପରେ ସୁଭଦ୍ରାଙ୍କର ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ଦାରୁକୁ ଶ୍ରୀକ୍ଷେତ୍ରମଧ୍ୟକୁ ଅଣାଯାଏ । ସମସ୍ତ ଦାରୁ ଶ୍ରୀଜଗନ୍ନାଥ ସଡ଼କ ଦେଇ ଗୁଣ୍ଡିଚା ମଣ୍ଡପ ନିକଟସ୍ଥ ନୃସିଂହଙ୍କ ଠାରେ ଅମଲଚଣ୍ଡୀଦେବୀଙ୍କ (ଅଠରନଳା ନିକଟ) ଠାରେ ପହଞ୍ଚିଲେ ଗଜପତି ମହାରାଜାଙ୍କୁ ସମ୍ବାଦ ଦିଆଯାଏ । ରାଜା ହସ୍ତୀ, ଆଶ୍ୱ. ଘଣ୍ଟ, କାହାଳୀ, ଚାମର, ବାଦନ ଓ ନାନାପ୍ରକାର ବାଦ୍ୟଯନ୍ତ୍ର ପ୍ରଭୃତି ଉପଚାର ସହିତ ସନ୍ଥ ମହନ୍ତମାନଙ୍କୁ ସଙ୍ଗରେ ଧରି ଗଜପତି ମହରାଜା ଦାରୁ ନିକଟରେ ଉପସ୍ଥିତ ହୋଇ ସାଗତ କରନ୍ତି । ପରେ ଏହି ଦାରୁଗୁଡ଼ିକୁ ଶ୍ରୀମନ୍ଦିରର ଉତ୍ତରଦ୍ୱାର ଦେଇ ଶ୍ରୀକ୍ଷେତ୍ର ବେଢ଼ାରେ ପ୍ରବେଶ କରାଯାଏ ଏବଂ ପରେ କୋଇଲି ବୈକୁଣ୍ଠର ଦାରୁ ମଣ୍ଡପରେ ସ୍ଥାପନ କରାଯାଏ ।

ସ୍ନାନ ପୂର୍ଣ୍ଣିମାର ପରଦିନ ଠାରୁ ଗଜପତି ମହାରାଜା ୧୦୮ ବ୍ରାହ୍ମଣ ବରଣ କରି ଯଜ୍ଞ କରନ୍ତି ଓ ଯଜ୍ଞାରମ୍ଭ ଦିନ ଠାରୁ ବିଶ୍ୱକର୍ମାମାନଙ୍କୁ ଶାଢ଼ୀଦେଇ ବିଗ୍ରହ ଗଠନ କରିବାକୁ ଆଦେଶ କରନ୍ତି । ନୂତନ ଚାରିଗୋଟି ଦାରୁ ଦାରୁମଣ୍ଡପରେ ସ୍ଥାପିତ ହେବାପରେ ପୂର୍ବ ନବକଳେବର ସମୟ ଠାରୁ ଗଚ୍ଛିତ ଥିବା ଚାରିଗୋଟି ଦାରୁକୁ ଦାରୁମଣ୍ଡପରୁ ବିଶ୍ୱକର୍ମା ମଣ୍ଡପକୁ ଅଣାଯାଏ ଓ ସେହିଠାରେ ବିଶ୍ୱକର୍ମାମାନେ ସୂତ ସଂହିତାର ପଦ୍ଧତି ଅନୁସାରେ ବିଗ୍ରହ ନିର୍ମାଣ କରିଥାନ୍ତି । କୋଇଲି ବୈକୁଣ୍ଠର ଦକ୍ଷିଣ ପାର୍ଶ୍ୱରେ ବିଶ୍ୱକର୍ମା ମଣ୍ଡପ ଓ ଯଜ୍ଞ ମଣ୍ଡପ ନିର୍ମାଣ କରାଯାଇଥାଏ । ବିଗ୍ରହ ଗଠନ ହେବା ସମୟରେ ବିଭିନ୍ନ ପ୍ରକାର ବାଦ୍ୟଧ୍ୱନୀ କରାଯାଇଥାଏ । ଯଜ୍ଞର ତୃତୀୟ ଦିନ ଶେଉଳମାଛକୁ ବଳୀ ଦେବାର ବିଧିଅଛି । ତ୍ରୟୋଦଶ ତିଥିରେ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଏ ଓ ସେହିଦିନକୁ ବିଗ୍ରହ ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ । ଚତୁର୍ଦ୍ଦଶୀ ତିଥିରେ ଶ୍ରୀବିଗ୍ରହଗଣ ପୁରାତନ ଘଟ ପରିତ୍ୟାଗ କରି ନୂତନ ଘଟରେ ଅଧିଷ୍ଠିତ ହୁଅନ୍ତି । ଏହାକୁ ଘଟ ପରିବର୍ତ୍ତନ କୁହାଯାଏ । ଏହିଦିନ ପ୍ରାୟ ସନ୍ଧ୍ୟା ୮ ଘଣ୍ଟାରୁ ପରଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଶ୍ରୀମନ୍ଦିରର ଚାରିଦ୍ୱାର ଅତି କଟକଣାର ସହିତ ବନ୍ଦ ରହେ ।

ଆଷାଢ ମଳମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀଦିନ ଶ୍ରୀବିଗ୍ରହମାନଙ୍କର ଘଟ ପରିବର୍ତ୍ତନ ନିମନ୍ତେ ନୂତନ ବିଗ୍ରହଗୁଡିକୁ ବିଶ୍ୱକର୍ମା ମଣ୍ଡପଠାରୁ ବଡ଼ ଦେଉଳର ଅଭ୍ୟନ୍ତରକୁ ନିଆଯାଇ ପୂର୍ବ ବିଗ୍ରହଗୁଡ଼ିକର ସମ୍ମୁଖରେ ସ୍ଥାପନ କରାଯାଏ । ଏହାପରେ ପୂର୍ବବିଗ୍ରହ ବ୍ରହ୍ମସରୂପ ଅଣାଯାଇ ନୂତନ ବିଗ୍ରହ ମଧ୍ୟରେ ସ୍ଥାପନ କରାଯାଏ । ଶ୍ରୀଜଗନ୍ନାଥଙ୍କ ବିଗ୍ରହର ଉଦରରେ ବାରଯବ ପରିମିତ ସ୍ଥାନରେ ଉକ୍ତ ବ୍ରହ୍ମ ସରୂପ ରୁହନ୍ତି । ତାହାକୁ ବ୍ରହ୍ମସ୍ଥଳୀ କୁହାଯାଏ । ଏହି ବ୍ରହ୍ମ ସରୂପ ୧୨ ବର୍ଷ ପର୍ଯ୍ୟନ୍ତ ଚନ୍ଦନ ଓ ତୁଳସୀରେ ଆଚ୍ଛାଦିତ ହୋଇଥାନ୍ତି । ସେହି ଚନ୍ଦନ ଓ ତୁଳସୀ ୧୨ ବର୍ଷ ଯାଏ ଅଥବା ପରବର୍ତ୍ତୀ ନବକଳେବର ଯାଏ ସତେଜ ଥାନ୍ତି । । ଏଥିରୁ ହିଁ ଅନୁମିତ ହୁଏ ଯେ ବ୍ରହ୍ମପିଣ୍ଡ ଓ ପ୍ରାଣୀମାନଙ୍କର ପିଣ୍ଡ ବ୍ରହ୍ମାଣ୍ଡ ଆତ୍ମା ଅମର । ଆତ୍ମା ହିଁ ସର୍ବଘଟରେ ବିଦ୍ୟମାନ । ଆତ୍ମା ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ ବିଚରଣ କରେ ଏବଂ ବ୍ରହ୍ମପିଣ୍ଡ ଠାରୁ ଆରମ୍ଭ କରି ପ୍ରାଣୀପିଣ୍ଡ ମଧ୍ୟରେ ନିରବଧି ଲୀଳାଖେଳାର ଦୈବୀ ବିଜ୍ଞାନ । ସନ୍ଥକବି ଭୀମଭୋଇ ସେଇ ସୂତ୍ରର ମହାନ୍ ବୈଜ୍ଞାନିକର ଭୂମିକା ପ୍ରତିଷ୍ଠା କରି ବିଶ୍ୱ ସୃଷ୍ଟିର ଆଦି ରହସ୍ୟ ବିଗ୍‌ବ୍ୟାଙ୍ଗ୍ ପଦ୍ଧତିକୁ ସୀକାର ସହ ଅଙ୍ଗୁଳୀ ଠୋକି ଗାଇଛନ୍ତି ରୂପରେଖ ନାହିଁ ହୋ, ଶୂନଦେହୀ ଅଛୁ ଉଭାହୋଇ । ବିଚିତ୍ର ମସ୍ତିଷ୍କ ସନ୍ଥକବି ଭୀମ

ଭୋଇଙ୍କର । ପରବର୍ତ୍ତୀ ପର୍ଯ୍ୟାୟର ପିଣ୍ଡ ବ୍ରାହ୍ମଣ ସଂସ୍ଥାପନ ନିମିତ୍ତ ଚାରିଜଣ ପତିମହାପାତ୍ର ଅତ୍ୟନ୍ତ ସାବଧାନତା ସହକାରେ ନିଜର ହସ୍ତ ଓ ପଦକୁ ଉତ୍ତମ ରୂପରେ ବସ୍ତ୍ରାବୃତ କରି ଓ ଚକ୍ଷୁକୁ ଦୃଢ଼ଭାବରେ ବନ୍ଧନ କରି ଗୋପନରେ ପ୍ରାଚୀର ଚାରି ବିଗ୍ରହର ଉଦର ମଧ୍ୟରେ ଥିବା ବ୍ରହ୍ମ ସରୂପକୁ ନୂତନ ଚାରି ବିଗ୍ରହରେ ବ୍ରହ୍ମସ୍ଥଳୀ ମଧ୍ୟରେ ସ୍ଥାପନ କରନ୍ତି । ଏହି ବ୍ରହ୍ମସ୍ଥାପନ କାର୍ଯ୍ୟ ଅତ୍ୟନ୍ତ ନିଷ୍ଠାର ସହକାରେ ଓ ଗୋପନୀୟ ଭାବେ ସମ୍ପନ୍ନ କରାହୁଏ ।

କଥିତ ଅଛି ଯେ ବ୍ରହ୍ମ ସ୍ଥାପନ ସମୟରେ ନାନାପ୍ରକାର ଦୈବଦୁର୍ବିପାକ ଦେଖାଦିଏ ଓ ଜନସାଧାରଣ ନାନାପ୍ରକାର ଆଶଙ୍କାରେ ଆତଙ୍କିତ ହୁଅନ୍ତି । ପୁନର୍ବାର କଥିତ ହୁଏ ଯେ ଯେଉଁ ପତି ମହାପାତ୍ର ପୁରାତନ କଳେବରରୁ ବ୍ରହ୍ମ ପଦାର୍ଥ ଆଣି ନୂତନ କଳେବରରେ ସ୍ଥାପନ କରନ୍ତି ସେମାନଙ୍କର ଅତିଶୀଘ୍ର ମୃତ୍ୟୁ ଘଟେ । ଏପରି ପ୍ରବାଦ ମିଥ୍ୟା ଅଟେ । ତଥାପି ବ୍ରହ୍ମ ସରୂପ ଓ ବ୍ରହ୍ମସଂସ୍ଥାପନର ପ୍ରକ୍ରିୟା ଜାଣିବାକୁ ଉଦ୍ୟମ କରିବା ଅତ୍ୟନ୍ତ ଦୋଷାବହ । ଏପରି ଚେଷ୍ଟାକରି କେତେକ ବିଶିଷ୍ଟ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କର ସର୍ବନାଶ ହୋଇଥିବାର ଦୃଷ୍ଟାନ୍ତ ଅଛି । କିନ୍ତୁ ବ୍ରହ୍ମ ସରୂପ ସମ୍ପର୍କରେ ନାନାପ୍ରକାର ତର୍କ ଶୁଣିବାକୁ ମିଳେ । କେହି କେହି ଏହାକୁ ବୁଦ୍ଧଦେବଙ୍କର ଦାନ୍ତ ବୋଲି କହିବା ବେଳେ ଅନ୍ୟ କେହି ଏହାକୁ ଗଣ୍ଡକି ନଦୀରୁ ଆନୀତ ଜୀବନ୍ତ ଶାଳଗ୍ରାମବୋଲି ମନେ କରନ୍ତି । କେହି କେହି ଏହାକୁ ଏକ ସୁବର୍ଣ୍ଣ ଫରୁଆ ଉପରେ ଖୋଦିତ ତାନ୍ତ୍ରିକ ଯନ୍ତ୍ରବୋଲି ପ୍ରକାଶ କରନ୍ତି । କେତେକ ବିଦ୍ୱାନ ପୁରାଣ ବର୍ଣ୍ଣନା ଅନୁସାରେ ଏହାକୁ ବିଶ୍ୱାବସୁ ଶବର ପୂଜିତ ପ୍ରାଚୀନ ନୀଳମାଧବ ମୂର୍ତ୍ତୀ କହିବା ସ୍ଥଳେ ଅନ୍ୟ କେହି କେହି ମହାଭାରତ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ଅସ୍ଥିବୋଲି ଅନୁମାନ କରନ୍ତି । ପୁଣି କେତେକ ଏହାକୁ ପ୍ରାଚୀନତମ ଦାରୁର ଅଂଶ ବିଶେଷ ବୋଲି ମଧ୍ୟ ବର୍ଣ୍ଣନା କରନ୍ତି । ଏହିପରି ଭିନ୍ନ ଭିନ୍ନ ମତ ପ୍ରଚଳିତ ଥିଲେ ମଧ୍ୟ କେତେ ପଣ୍ଡିତ ଏହାକୁ ଶୂନ୍ୟବ୍ରହ୍ମ ବୋଲି ପ୍ରକାଶ କରିଥାନ୍ତି । କାରଣ ପ୍ରକୃତରେ ବ୍ରହ୍ମଙ୍କର ରୂପ ନାହିଁ । ବିଭିନ୍ନ ଉପନିଷଦରେ ବ୍ରହ୍ମ ହେଉଛି ଅରୂପ, ଅଖଣ୍ଡ, ନିତ୍ୟ, ନିତ୍ୟ, ନିର୍ବିକାର, ଅବ୍ୟୟ ଓ ଅକ୍ଷୟ । ତେଣୁ ତାତ୍ତ୍ୱିକ ଦୃଷ୍ଟିରୁ ବ୍ରହ୍ମ ସରୂପକୁ ସନ୍ଥକବି ତଥା ବିଜ୍ଞାନୀ ଭୀମଭୋଇଙ୍କର ଅନୁସାରେ ଶୂନ୍ୟ ତଥା ନିତ୍ୟ ପଦାର୍ଥ ବୋଲି ଗ୍ରହଣ କରିବା ସମୀଚୀନ ହେବ । ବ୍ରହ୍ମଙ୍କୁ ବ୍ରହ୍ମସ୍ଥଳୀରେ ସ୍ଥାପନ କରାଯିବା ପରେ ନବକଳେବର ବିଗ୍ରହମାନଙ୍କୁ ଷୋଡ଼ଶ ଉପଚାରରେ ପୂଜା କରାଯାଏ । ଦଇତାପତିମାନେ ପୂର୍ବବିଗ୍ରହ ଗୁଡ଼ିକୁ ଶକଟରେ ସ୍ଥାପନ କରି ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରର ଉତ୍ତରପାର୍ଶ୍ୱସ୍ଥ କୋଇଲି ବୈକୁଣ୍ଠକୁ ନେଇଆସନ୍ତି । ପୂର୍ବ ବିଗ୍ରହମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଦ୍ରବ୍ୟାଦି ରଥର ପାର୍ଶ୍ୱଦେବତା ସମୂହ, ରଥର ସାରଥି ତ୍ରୟ ଓ ଅଶ୍ୱଗଣ ସହିତ ପୂର୍ବ କଳେବର ଗୁଡ଼ିକୁ ପୂର୍ବରୁ କୋଠ ସୁଆରମାନେ ପ୍ରସ୍ତୁତ କରିଥିବା ଏକ ବୃହତ୍ ଗର୍ତ୍ତ ମଧ୍ୟରେ ବିସର୍ଜନ କରାଯାଏ । ଲୋକଚାରା ଅନୁସାରେ ବିଶ୍ୱାବସୁ ବଂଶୀୟ ଦଇତା ସେବକମାନେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରନ୍ତି । ସେମାନେ କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ଦଶଦିନ ପର୍ଯ୍ୟନ୍ତ ଅଶୌଚ ପାଳନ କରି ହବିଷ୍ୟାନ୍ନ ଗ୍ରହଣ କରନ୍ତି । ଏକାଦଶ ଦିବସ ଅର୍ଥାତ୍ ଶୁକ୍ଳନବମୀ ତିଥିରେ ମୁକ୍ତି ମଣ୍ଡପରେ ବସି ତୈଳ ମର୍ଦ୍ଦନ କରି ମାର୍କେଣ୍ଡେୟ ପୁଷ୍କରଣୀରେ କ୍ଷୌରକର୍ମ ଓ ସ୍ନାନାଦି ସମାପନ କରି ନୂତନ ଶୁକ୍ଳ ବସ୍ତ୍ର ପରିଧାନ ପୂର୍ବକ ବାଇଶି ପାହାଚରେ ଗୋଡଧୋଇ ଗଜପତି ମହାରାଜ ଦେଇଥିବା ପାଟମଠାକୁ ପରିଧାନ କରି ଶ୍ରୀମନ୍ଦିରକୁ ପ୍ରବେଶ କରି ଶାନ୍ତି ଉଦକ ପ୍ରସାଦ ସେବନ କରନ୍ତି । ଦ୍ୱାଦଶୀୟ ଶୁକ୍ଳ ଦଶମୀଦିନ ଷୋଳ ଶାସନର ବ୍ରାହ୍ମଣ, ସାତସାହିର ବ୍ରାହ୍ମଣ ଓ ଛତିଶାନିଯୋଗୀ ସେବାୟତମାନଙ୍କୁ ଗଜପତି ମହାରଜ ମହାପ୍ରସାଦ ସହ ଭୂରିଭୋଜନରେ ଆପ୍ୟାୟିତ କରନ୍ତି । ଦଇତାପତିମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହଙ୍କର ନବକଳେବର ଉତ୍ସବରେ ଯଥା ଅନ୍ତେଷ୍ଟିକ୍ରିୟା କରୁଥିବାରୁ ନିଜକୁ ଶ୍ରୀ ଜଗନ୍ନାଥଙ୍କର ଜ୍ଞାତିକୁଟୁମ୍ବ ବୋଲି ଦାବି କରନ୍ତି । ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ପରବର୍ତ୍ତୀ ମାସର ଅମାବାସ୍ୟା ପର୍ଯ୍ୟନ୍ତ ବିଗ୍ରହ ଗୁଡ଼ିକର ପାଟଡୋର ଲାଗି, ଖଡିଲାଗି, ପ୍ରଭୃତି ବିଭିନ୍ନ ଗୋପନୀୟ ଉପଚାର କରାଯାଇଥାଏ । ସାଧାରଣତଃ ଅନବସର ପନ୍ଦର ଦିନ ହୋଇଥିଲେ ମଧ୍ୟ ନବକଳେବର ସମୟରେ ନୂତନ ବିଗ୍ରହ ଗଠନ ପାଇଁ ଚଉଦଦିନ ଓ ଅନବସର ବିଧିପାଇଁ ଏକମାସ ଏକଦିନ ବ୍ୟୟିତ ହୁଏ । ଏହି ଅବସରକୁ ମହା ଅଣସର କୁହାଯାଏ । ଦ୍ୱିତୀୟ ଆଷାଢ଼ମାସ ଅମାବାସ୍ୟାଦିନ ଅଣସର ପିଣ୍ଡିଠାରେ ଶ୍ରୀବିଗ୍ରହମାନେ ଜନସାଧାରଣଙ୍କୁ ଦର୍ଶନ ଦିଅନ୍ତି । ଏହାକୁ ଶ୍ରୀଜଗନ୍ନାଥଙ୍କର ନବକଳେବର ଦର୍ଶନ କୁହାଯାଏ ।

❑ ❑ ❑

Bastabatara Panprakash
PRACHEE ▪ Vol. 1 ▪ Issue - 3 ▪ June 2015 ▪ Title Code : ODIODI07446

Printed, Published, Edited and Owned by Dr. Bibhudatta Khandayatray, Printed at Laxmi Offset Press, Nayabazar, Cuttack-4, Odisha & Published at Niladri Vihar, P.O. - Nayabazar, Cuttack - 4, Odisha, Mob. : 9437744194

Editor : Dr. Bibhudatta Khandayatray ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ